

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 SEPTEMBER 2023

Vol.No. 35 ■ No. 238■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମଂଚ ପ୍ରସ୍ତୁତ, ଭାରତ ପ୍ରସ୍ତୁତ : ଆଜି ଦିଲ୍ଲୀରେ 'ଜି-୨୦' ବିଶ୍ୱ ମହାକୁମ୍ଭ

### ମଂଚରେ ଝଲସିବ ଭାରତର କଳା, ସଂସ୍କୃତି, ଶକ୍ତି, ସାମର୍ଥ୍ୟ




ନୂଆଦିଲ୍ଲୀ,୦୮/୦୯ : ରାଜଧାନୀ ଦିଲ୍ଲୀ ଉପରେ ସାରା ବିଶ୍ୱର ନଜର। ଜି-୨୦ ସମ୍ମିଳନୀ ଶଙ୍ଖନାଦରେ ଚଳଚଂଚଳ ଦିଲ୍ଲୀ । ଆଖି ଜୁଆଡେ ଯାଉଛି ସେଠାରେ ଦେଖିବାକୁ ମିଳୁଛି ଅଦଭୁତ, ଅବିଶ୍ୱନୀୟ ଓ ଆଚମ୍ବିତ କରିବା ଭଳି ପ୍ରସ୍ତୁତି । ଜଳ- ସ୍ଥଳ-ଆକାଶ। ସବୁଠି କଡ଼ା ସୁରକ୍ଷା, ସବୁଠି ସୁରକ୍ଷାକର୍ମୀଙ୍କ କଡ଼ା ପ୍ରହରା। ଦିନକ ପରେ ଜି-୨୦ ମହାକୁମ୍ଭ । ତେଣୁ ବିଶ୍ୱନେତାଙ୍କ ସୁଅ ଛୁଟିଲାଣି । ଦିଲ୍ଲୀ ଗୁରୁଗ୍ରାମ ବିମାନବନ୍ଦରରେ ଚାଲିଛି ବିଶ୍ୱନେତାଙ୍କ ଭବ୍ୟ ସ୍ୱାଗତ । ରେଡକାର୍ପେଟ ସହ ସେମାନଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତ ପୂରା ଦେଶ । ସେପଟେ ବିଦେଶୀ ଅତିଥିଙ୍କୁ ନୂଆ ଅନୁଭୂତି ଦେବା ପାଇଁ ନୂଆ ଦିଲ୍ଲୀକୁ ବୋହୂ ପରି ସଜା ହୋଇଛି । ସାଜସଜା ଓ ସୌନ୍ଦର୍ଯ୍ୟକରଣରେ ସମସ୍ତ ରାଜ୍ୟର କଳା ଓ ସଂସ୍କୃତିର ଛାପ ଦେଖିବାକୁ ମିଳୁଛି । ନୂଆ ଦିଲ୍ଲୀ ପ୍ରଗତି ମଇଦାନରେ ସେପ୍ଟେମ୍ବର ୯ ଓ ୧୦ ତାରିଖ ଧରି ଚାଲିବ ଜି-୨୦ ଶିଖର ସମ୍ମିଳନୀ । ଏଠାରେ ବିଭିନ୍ନ ରାଜ୍ୟର କଳା. ସଂସ୍କୃତି ପ୍ରଦର୍ଶନ କରାଯାଉଛି । ଏହି ସମସ୍ତଙ୍କ ଭିତରେ ସବୁଠ ଫୋକସରେ ରହିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ । ବାଇଡେନଙ୍କ କାରଠୁ ରହଣୀ ସ୍ଥଳ ଓ ସୁରକ୍ଷା ବେଶ ଚର୍ଚ୍ଚାରେ ରହିଛି । ବିମାନ ବନ୍ଦରରୁ ଦ ବିଷ୍ଟ କାରରେ ରହଣୀ ସ୍ଥଳକୁ ଯାଇଛନ୍ତି ବାଇଡେନ । ବାଇଡେନଙ୍କ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେପଟେ ସମସ୍ତ ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଜଳ, ସ୍ଥଳ, ଆକାଶ ପଥକୁ ସିଲ କରାଯାଇଛି । ଦେଶବିଦେଶର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯିବା ସହ ପର୍ଯ୍ୟାପ୍ତ ମାତ୍ରାର ଗୁଳିଗୋଳା, ମେଡିକାଲ ଉପକରଣ ମହଜୁଦ ରଖାଯାଇଛି । କାର୍ଯ୍ୟକ୍ରମ ସ୍ଥଳ ପ୍ରଗତି ମଇଦାନକୁ ନୋଫ୍ଲାଇଂ ଜୋନ ଘୋଷଣା କରାଯାଇଛି । ଭାରତରେ ବିଶ୍ୱନେତା । ତେଣୁ ଭାରତର ସଂସ୍କୃତି, ପରମ୍ପରା,ଐତିହ୍ୟକୁ ରାଷ୍ଟ୍ରନେତାଙ୍କ ନିକଟରେ ପ୍ରକାଶ କରିବାକୁ ଭାରତ ପାଇଁ ଜି-୨୦ ମଂଚ ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତର ସବୁଠି ବଡ ମଂଚ । ଖାଦ୍ୟଠୁ ରହଣୀ, ସୁରକ୍ଷାଠୁ ଆତିଥ୍ୟ । କୌଣସି କିଛି ଖିଲାପ ନକରିବାକୁ ଭାରତ ସରକାର ଆପ୍ରାଣ ଉଦ୍ୟମ କରିଛନ୍ତି । ରାଷ୍ଟ୍ରନେତାଙ୍କୁ ରୂପା, ସୁନା ଥାଳିରେ ଖାଦ୍ୟ ପରିବେଷଣ କରାଯିବ । ଜି-୨୦ ରାଷ୍ଟ୍ରନେତାଙ୍କ ପାଇଁ ୫ଶହରୁ ଅଧିକ ଦେଶୀବିଦେଶୀ ବ୍ୟଞ୍ଜନ ସହ ୭ଶହ ନାଁକରା ରୋଷେୟାଙ୍କୁ ନିୟୋଜିତ କରାଯାଇଛି । ସେପେଟ ଅତିଥୀଙ୍କ ପାଇଁ ଥାଇଲ୍ୟାଣ୍ଡ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ମଗାଯାଇଛି ।

## ବେଲଜିୟମରୁ ବିଜେପିକୁ ଟାର୍ଗେଟ କଲେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୦୮/୦୯ : ବେଲଜିୟମରୁ ବିଜେପିକୁ ପ୍ରଂଶସା ଓ ସମାଲୋଚନା କଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଭାରତ-ରୁଷ ଯୁଦ୍ଧ ପ୍ରସଙ୍ଗରେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ପ୍ରଂଶସା କରିଛନ୍ତି ରାହୁଲ। ବେଲଜିୟମ ମିଡିଆର ଏକ ପ୍ରଶ୍ନର ଉତ୍ତର ଦେଇ ରାହୁଲ କହିଛନ୍ତି କି ଋଷ୍-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଭାରତର ନିଷ୍ପତ୍ତିକୁ ବିରୋଧୀ ମଧ୍ୟ ସମର୍ଥନ କରୁଛନ୍ତି । ସେପଟେ ଦେଶର ନାଁ ଇଣ୍ଡିଆ ପରିବର୍ତ୍ତନ କରି ଭାରତ ରଖାଯିବା ସମ୍ଭାବନାକୁ ନେଇ ସେ ସମାଲୋଚନା କରିଛନ୍ତି । ରାହୁଲ କହିଛନ୍ତି ଇଣ୍ଡିଆ ମେଂଟକୁ ବିଜେପି ସରକାର ଭୟ କରି ଏଭଳି ଷଡଯନ୍ତ୍ର କରୁଛନ୍ତି ।

## ବସ୍ ଷ୍ଟାଣ୍ଡରୁ ଧରାପଡ଼ିଲେ ସରକାରୀ ବାବୁ

### ଭିଜିଲାନ୍ସ ଚଢ଼ାଉ କରି ଜବତ କଲା ୨.୭୩ ଲକ୍ଷ ଟଙ୍କା



ନିମାପଡ଼ା, ୦୮/୦୯ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ର ନିମାପଡ଼ା ସ୍ଥିତ ଗୋଦାମର ଅଧୀକ୍ଷକ ଦେବୀପ୍ରସାଦ ମହାନ୍ତି। ତାଙ୍କଠାରୁ ନଗଦ ୪ ଲକ୍ଷ ୫୩ ହଜାର ୬୧୦ ଟଙ୍କା ଜବତ କରାଯାଇଥିବା ବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କର ତିନିଟି ଠିକଣାରେ ଚଢ଼ାଉ କରାଯାଇଛି। ▶▶ପୃଷ୍ଠା ୭

## 'ସୌମ୍ୟ' ଅଡୁଆ: କାର୍ଯ୍ୟାନୁଷ୍ଠାନ ପାଇଁ ଜୁ' ପାଉନି, ମାହୋଲ ତିଆରି କରୁଛି ବିଜେଡି



ଭୁବନେଶ୍ୱର, ୦୮/୦୯ (ନି.ପ୍ର): ଶାସକ ବିଜେଡିକୁ ଏବେ ନିଜ ଦଳର ବରିଷ୍ଠ ଉପସଭାପତି ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଆଡୁ ଭୟ ଘାରିଛି । ନିର୍ବାଚନୀ ବର୍ଷରେ ସୌମ୍ୟଙ୍କ ବିରୁଦ୍ଧରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ସତସାହାସ ଜୁଟାଇ ପାରୁନଥିବା ବିଜେଡି ଏବେ ନିଜର ନେତାମାନଙ୍କ ମୁହଁରେ ସୌମ୍ୟଙ୍କ ପାଇଁ 'ବ୍ଲାକମେଲର, ଉଭଟ ଚିନ୍ତାଧାରା, ଚୈତନ୍ୟ ଉଦୟ' ଭଳି ଶବ୍ଦ ଉପଯୋଗ କରୁଛି । ସୌମ୍ୟଙ୍କ ପ୍ରତି ବିଜେଡି ନେତୃତ୍ୱଙ୍କର ଭୟ ଏତେ ବଢ଼ିଯାଇଛି ଯେ ଆଜି ଗୋଟିଏ ଦିନରେ ଦଳର ୨ଜଣ ମୁଖପାତ୍ର ଓ ଜଣେ ସାଧାରଣ ସମ୍ପାଦକ ସିଧାସଳଖ ସୌମ୍ୟଙ୍କୁ ଟାର୍ଗେଟ କରିଛନ୍ତି। ଆଉ ସୌମ୍ୟ ବି ମୁକାବିଲାଶୈଳୀରେ ଚ୍ୟାଲେଞ୍ଜ କରିବାକୁ ପଛାଇ ନାହାନ୍ତି । ଯଦି ସେ କିଛି ଦଳବିରୋଧୀ କାର୍ଯ୍ୟ କରିଛନ୍ତି ତା'ହେଲେ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ପ୍ରଶ୍ନ କରି ବଲ୍ ବିଜେଡି ନେତୃତ୍ୱଙ୍କ କୋର୍ଟକୁ ଫିଙ୍ଗିଛନ୍ତି । ଅବଶ୍ୟ ବିଜେଡି ନେତୃତ୍ୱ ଯେଉଁ ଢଙ୍ଗରେ ସୌମ୍ୟଙ୍କୁ ବ୍ୟକ୍ତିଗତସ୍ତରରେ ସମାଲୋଚନା ପାଇଁ ଅନୁଭବ ପଟ୍ଟନାୟକ, ଅରୁଣ ସାହୁ ଓ ଅତନୁ ସବ୍ୟସାଚୀ ନାୟକଙ୍କୁ ଆଗକୁ ଆଣିଛି, ତାହା ସୌମ୍ୟଙ୍କର ବିଜେଡିରେ ଆଉ ବେଶୀଦିନ ନୁହେଁ ବୋଲି ସନ୍ଦେଶ ଦେଇଛି । ସିଧାସଳଖ କାର୍ଯ୍ୟାନୁଷ୍ଠାନ ପାଇଁ ଜୁ' ପାଉନଥିବା ବିଜେଡି କ୍ଷମତାକେନ୍ଦ୍ର, ଏବେ ମାହୋଲ ତିଆରି କରି ସୌମ୍ୟଙ୍କୁ ବିଜେଡିରୁ ବହିଷ୍କାରର ମାର୍ଗ ପ୍ରଶସ୍ତ କରୁଥିବା ଜଣାପଡ଼ିଛି । ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ରାଜନୀତିକ ବ୍ରାଣ୍ଡିଂକୁ ବିରୋଧ କରି ସୌମ୍ୟ ନିଜ ମାଲିକାନାରେ ଥିବା 'ସମ୍ବାଦ'ରେ ଦୁଇଟି ଲେଖା ଗତ ଏକମାସ ମଧ୍ୟରେ ପ୍ରକାଶ କରିଛନ୍ତି । 'ଆତ୍ମବିଭୋର ପ୍ରଶାସକ ଓ ଅସହାୟ ରାଜନେତା' ଶୀର୍ଷକ ଲେଖା ମାଧ୍ୟମରେ ସୌମ୍ୟ ସିଧାସଳଖ ବିଜେଡିର ବର୍ତ୍ତମାନର ଭାଗ୍ୟବିଧାତା ▶▶ପୃଷ୍ଠା ୭

## ଅବକାରୀ ଏଏସ୍ଆଇ ସୁଦୀପ୍ତ କୁମାର ଦାଶ ଗିରଫ

ଖୋର୍ଦ୍ଧା, ୦୮/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସର୍କଲର ଅବକାରୀ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍ଆଇ) ସୁଦୀପ୍ତ କୁମାର ଦାଶଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟଠାରୁ ୧୭୩% ଅଧିକ ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତକାଲି ଏଏସ୍ଆଇ ଶ୍ରୀ ଦାଶଙ୍କ ବିଭିନ୍ନ ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନୟାଗଡ଼ରେ ତାଙ୍କର ଦୁଇଟି ଦୁଇ ମହଲା ଘର ରହିଛି। ନୟାଗଡ଼ ସହରରେ ତାଙ୍କର ୬ଟି ପ୍ଲଟ ଅଛି। ବ୍ୟାଙ୍କ, ପୋଷ୍ଟ ଅଫିସ ଓ ବୀମା ଜମା ବାବଦକୁ ତାଙ୍କର ୨୧ ଲକ୍ଷ ୩୨ ହଜାର ୭୦୦ ଟଙ୍କା ଅଛି। ତାଙ୍କ ଘରୁ ନଗଦ ୧ଲକ୍ଷ ୩୫ ହଜାର ୫୨୦ ଟଙ୍କା ଜବତ କରାଯାଇଛି। ପ୍ରାୟ ୩୦୦ ଗ୍ରାମର ସୁନା ଅଳଙ୍କାର ମଧ୍ୟ ଜବତ କରାଯାଇଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି (ମହିନ୍ଦ୍ରା ବୋଲେରୋ) ଓ ୩ଟି ଦୁଇ ଚକିଆ ଗାଡ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ୩୯ ହଜାର ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଭିଜିଲାନ୍ସ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି।

## ୬ ରାଜ୍ୟର ଉପନିର୍ବାଚନ ଫଳ ଘୋଷଣା

### ବିଜେପିକୁ ପଛରେ ପକାଇଲା ବିରୋଧୀ ମେଣ୍ଟ ଇଣ୍ଡିଆ



ନୂଆଦିଲ୍ଲୀ,୦୮/୦୯ : ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଉପନିର୍ବାଚନରେ ମିଳିତ ବିରୋଧୀ ମଞ୍ଚ ଇଣ୍ଡିଆକୁ ଉତ୍ସାହଜନକ ବିଜୟ ମିଳିଛି। ୬ ରାଜ୍ୟର ୭ ଆସନରେ ହୋଇଥିବା ଉପନିର୍ବାଚନରେ ଇଣ୍ଡିଆ ମେଣ୍ଟ ୪ ଆସନରେ ବିଜୀୟ ହୋଇଛି। ବିଜେପିକୁ ୩ ଟି ଆସନ ମିଳିଛି। ଉତ୍ତର ପ୍ରଦେଶର ଘୋଶୀ ଉପନିର୍ବାଚନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ବିଜେପି ଠାରୁ ଆଗରେ ଥିଲା। ଦଳର ୨ ଜାତୀୟ ସଭାପତି,୨ ଉପମୁଖ୍ୟମନ୍ତ୍ରୀ ଏବଂ ପ୍ରାୟ ୨ ଡଜନ ମନ୍ତ୍ରୀ ପ୍ରଚାର କରିବା ସତ୍ତ୍ୱେ ଘୋଶୀରେ ସାଇକେଲ୍ର ଗତି ରୋକିବାରେ ବିଫଳ ହୋଇଛି ବିଜେପି। ଏଠାରେ ଅଖିଳେଶ ଯାଦବଙ୍କ ପ୍ରାର୍ଥୀ ସୁଧାକର ସିଂହ ବିଜେପିର ଦାରା ସିଂହ ଚୌହ୍ୱାନଙ୍କୁ ୪୨ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି। ଉପନିର୍ବାଚନରେ ପ୍ରଥମେ ବିଜେପି ତ୍ରିପୁରାର ବକ୍ସନଗର ଏବଂ ଧନପୁର ଆସନରୁ ବିଜୟୀ ହୋଇଥିଲା। ଦଳର ତଫଜଲ ହୁସେନ୍ ଏବଂ ବିନ୍ଦୁ ଦେବନାଥ ଯଥାକ୍ରମେ ୩୦,୨୩୭ ଓ ୧୮,୮୭୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହାପରେ ବିଜେପି ଶିବିରରେ ଖୁସିର ବାତାବରଣ ଦେଖା ଦେଇଥିଲା। ▶▶ପୃଷ୍ଠା ୭

## ପ୍ରତାରଣା କଲେ ସରକାର

### ସୋମବାରଠାରୁ ସମୂହ ଛୁଟିରେ ଯିବେ ଶିକ୍ଷକ !




ଭୁବନେଶ୍ୱର, ୦୮/୦୯ (ନି.ପ୍ର): ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲେ ରାଜ୍ୟ ସରକାର। ଗୁରୁ ଦିବସରେ ଭେଟିବା ପାଇଁ କଥା ଦେଇ ଭୁଲିଗଲେ। ତେଣୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ। ରାଜ୍ୟର ୩୧୪ଟି ଯାକ ବ୍ଲକ୍‌ରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସ୍ ଆଗରେ ପ୍ରତୀକାତ୍ମକ ଧାରଣା ଦେଇ ଗର୍ଜନ କରିଛନ୍ତି ହଜାର ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀ। ଖୋଦ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଜିଲ୍ଲା ବାରିପଦାଠୁ କୋରାପୁଟର ଜୟପୁର ଯାଏଁ, ▶▶ପୃଷ୍ଠା ୭

## ସୋନିଆ ଗାନ୍ଧୀ ଓ ଖଡଗେଙ୍କୁ ମିଳିଲାନି ନୈଶ୍ୟ ଭୋଜିର ନିମନ୍ତ୍ରଣ



ନୂଆଦିଲ୍ଲୀ,୦୮/୦୯ :ଦିଲ୍ଲୀରେ ସେପ୍ଟେମ୍ବର ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ ଜି-୨୦ ଶିଖର ସମ୍ମିଳନୀ । ସଦସ୍ୟ ଦେଶର ରାଷ୍ଟ୍ରନେତାଙ୍କ ପାଇଁ ଶନିବାର ରାତିରେ ରାତ୍ରୀଭୋଜନର ଆୟୋଜନ କରାଯାଇଛି । ତେବେ ଏବେ ଚର୍ଚ୍ଚା ପାଲଟିଛି ନିମନ୍ତ୍ରିତ ଅତିଥିଙ୍କୁ ନେଇ । ଜାତୀୟ ରାଜନୀତିରେ କିଛି ବଛାବଛା ରାଜନେତାଙ୍କୁ ରାତ୍ରୀଭୋଜନ ପାଇଁ ନିମନ୍ତ୍ରଣ କରାଯାଇଥିବାବେଳେ ବାଦ ପଡିଛନ୍ତି କିଛି ହେଭିୱେଟ ନେତା । ମିଳିଥିବା ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ତରଫରୁ ଆୟୋଜିତ ରାତ୍ରୀଭୋଜନ କାର୍ଯ୍ୟକ୍ରମରେ କିଛି ହାଇପ୍ରୋଫାଇଲା ରାଜନେତାଙ୍କ ସମେତ ଭାରତ ସରକାରଙ୍କ କିଛି ସଚିବ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଦିଆଯାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଏଚଡି ଦେବଗୌଡାଙ୍କୁ ମିଳିଛି ନିମନ୍ତ୍ରଣ । ତେବେ ଦେବଗୌଡା ଅସୁସ୍ଥତା କାରଣ ଦର୍ଶାଇ ଯୋଗ ଦେବେନି ବୋଲି ଜଣାପଡିଛି । ସବୁଠୁ ବଡ କଥା ହେଉଛି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ନିମନ୍ତ୍ରଣ କରାଯାଇନି । ଏପରିକି ସୋନିଆ ଗାନ୍ଧୀଙ୍କୁ ମଧ୍ୟ ନିମନ୍ତ୍ରଣ ମିଳିନଥିବା ଜଣାପଡିଛି । ଖଡ଼ଗେଙ୍କୁ ନିମନ୍ତ୍ରଣ ନପଠାଯିବା ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ରାହୁଲ କହିଛନ୍ତି ସରକାର ବିରୋଧୀଙ୍କୁ ହେୟଜ୍ଞାନ କରୁଛନ୍ତି । ବିଶାଳ ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ ନକରିବା କେବଳ ଦଳର ନୁହେଁ ଜନତାଙ୍କ ମଧ୍ୟ ଅପମାନ । ମୋଦୀ ସରକାର ଦେଶର ୬୦ପ୍ରତିଶତ ଜନତାଙ୍କୁ ସମ୍ମାନ ଦେଉ ନାହାଁନ୍ତି । ତେବେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ. ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ପଂଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ରାତ୍ରୀଭୋଜନରେ ଯୋଗ ଦେବେ ।

## ଭିଜିଲାନ୍ସ ଜାଲରେ ଜିଆରଏସ: ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଲେ



ନୂଆପଡା , ୦୮/୦୯ (ନି.ପ୍ର): ଲାଞ୍ଚ ନେବା ବେଳେ ଧରାପଡିଲେ ପଞ୍ଚାୟତ ଜିଆରଏସ । ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ୍ ସୁନାରୀ ସିକୁଆଁ ପଞ୍ଚାୟତର ଜିଆରଏସ ଲାଞ୍ଚ ନେଇ ଧରାପଡିଛନ୍ତି । ଟଙ୍କା ନେଉଥିବା ସମୟରେ ତାଙ୍କ ସହ ଅନ୍ୟ ଜଣେ ସହଯୋଗୀଙ୍କୁ କୋରାପୁଟ ଭିଜିଲାନ୍ସ ଟିମ୍ ଗିରଫ କରିଛି । ଲାଞ୍ଚ ନେଇ ଧରାପଡିଲେ ପଞ୍ଚାୟତ ଜିଆରଏସ ଓ ଅନ୍ୟ ଜଣେ ସହଯୋଗୀ । ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ପଞ୍ଚାୟତ ଜିଆରଏସ ଓ ଅନ୍ୟ ଜଣେ ସହଯୋଗୀ । ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ୍ ସୁନାରୀ ସିକୁଆଁ ପଞ୍ଚାୟତର ଜିଆରଏସ ପ୍ରାଣବନ୍ଧୁ ଦଣ୍ଡସେନା ଓ ଅନ୍ୟ ଜଣେ ସହଯୋଗୀ କଳାକାନ୍ତ ପ୍ରଧାନ । ମନରେଗା କାମର ମାଷ୍ଟର ରୋଲ୍ ତିଆରି କରିବା ସହ ଟଙ୍କା ଦେବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ । ଯେଉଁଥି ପାଇଁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ । ଯୋଜନା ବଦ୍ଧ ଭାବେ ଟଙ୍କା ନେଉଥିବା ସମୟରେ କୋରାପୁଟ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି ।

# ସମସ୍ୟା ଘେରରେ ବହୁ ବିଦ୍ୟାଳୟ: ଛାତ୍ରଛାତ୍ରୀ ପାଉ ନାହାଁନ୍ତି କି ଗୁଣାତ୍ମକ ଶିକ୍ଷା

ସାଲେପୁର, ୦୮/୦୯ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଛାତ୍ର ଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଧାନ୍ୟ ଦେଉଥିଲା ବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବାରେ ବହୁ ଉର୍ଦ୍ଧ୍ୱରେ ରଖାଯାଇଥିବା ଦେଖିବାକୁ ମିଳିଛି । ସ୍ୱାଧୀନତାର ୭୭ ବର୍ଷ ପରେ ସବୁ ପିଲା ବିଦ୍ୟାଳୟ ମୁହଁ ଦେଖିପାରିନଥିବା ଜାଣିବାକୁ ମିଳିଛି । ଏହାର ଏକ ଚିତ୍ର ଦେଖିବାକୁ ମିଳିଛି ସାଲେପୁର ବ୍ଲକ ଅଂଚଳରେ । ଇତି ମଧ୍ୟରେ ନୂତନ ରାଷ୍ଟ୍ର ଶିକ୍ଷାନୀତି ଅଗଷ୍ଟ ୨୯ ତାରିଖରେ କାର୍ଯ୍ୟକାରୀ ହେବାର ଦୁଇ ବର୍ଷ ପୂରଣ ହୋଇ ସାରିଲାଣି । ହେଲେ ଏ କ୍ଷେତ୍ରରେ କେତେ କ'ଣ ଅଗ୍ରଗତି ହୋଇଛି ସେ ସଂକ୍ରାନ୍ତରେ ସମୀକ୍ଷା କରିବାର ଆବଶ୍ୟକତା ରହିଛି । କଟକ ଜିଲ୍ଲାରେ ସାଲେପୁର ବ୍ଲକ ଶିକ୍ଷା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ, ବିଦ୍ୟାଳୟ ଗୁଡିକରେ ବହୁ ସମସ୍ୟା ରହିଛି । ଛାତ୍ର ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଛାତ୍ର ଛାତ୍ରୀମାନେ ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ପାଠ୍ୟପୁସ୍ତକ, ସାଇକେଲ, ପୋଷାକ, ମୋଜା ଯୋତା ଆଦି ବଣ୍ଟନ କରୁଛନ୍ତି । ଛାତ୍ର ଛାତ୍ରୀମାନଙ୍କ ଭବିଷ୍ୟତ ଗଢିବାକୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ କଥା କହୁଛି । ଏତେ ପରେ ବି ଛାତ୍ର ଛାତ୍ରୀମାନେ ଅଧାରୁ ପାଠ ପଢା ଛାଡୁଥିବାର ନଜିର ରହିଛି । ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ପ୍ରାଥମିକ ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଏବେ ବୃଦ୍ଧି ପାଇବାରେ ଲାଗିଛି । ପ୍ରକୃତରେ ଛାତ୍ର ଛାତ୍ରୀମାନେ ସ୍କୁଲକୁ ନଆସି ଏହାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥାପନ ପୁସ୍ତିକାରେ ଦର୍ଶାଉଥିବା ଶୁଣିବାକୁ ମିଳୁଛି । ଆର୍ଥିକ ଅନଗ୍ରସର ପରିବାରର ପିଲାମାନେ ଅଧାରୁ ପାଠ ଛାଡୁଥିବାର ଦେଖିବାକୁ ମିଳୁଛି । ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୧୬୨ ରହିଥିବା ଜଣାଯାଇଛି । ୧୬୨ ଟି ସ୍କୁଲରେ ୧୬୬୪୯ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ୫୦୦ ଜଣ ଶିକ୍ଷକ ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ସରକାରଙ୍କର ନିୟମାନୁଯାୟୀ ୩୦ ଜଣ ଛାତ୍ର ଛାତ୍ରୀରେ ଜଣେ ଶିକ୍ଷକ ଶିକ୍ଷାଦାନ କରିବାକୁ ଥିବା ବେଳେ ଏଠାରେ କିନ୍ତୁ, ୩୪ ଜଣ ପିଲାରେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଥିବାର ଦେଖାଯାଇଛି । ସେହିପରି ଭାବରେ ଏହି ବ୍ଲକ ଅଧିନରେ ଥିବା ୬୦ଟି ବିଦ୍ୟାଳୟରେ ରୋଷେଇ ଘର ନଥିବା ଜଣାଯାଇଛି । ଏହାର ନଜିର ରହିଛି ମୁର୍କୁଣ୍ଡି ଦାସସାହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଓ ଗୁଣୁପୁର ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ବର୍ତ୍ତମାନ ନୂତନ ଗୃହ କାର୍ଯ୍ୟ ନିର୍ମାଣ ଚାଲିଛି । ୫ଟି ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ବିଦ୍ୟୁତ ସଂଯୋଗ ନଥିବାର ଜଣାଯାଇଛି । ବହୁ ସ୍କୁଲରେ ଶୌଚାଳୟ ଗୁଡିକ ଅପରିଷ୍କାର, ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବାରୁ କୁନି କୁନି ଛାତ୍ର ଛାତ୍ରୀମାନେ ବାହାରକୁ ଖୋଲା ସ୍ଥାନରେ ମଳତ୍ୟାଗ କରୁଥିବାର ଦେଖିବାକୁ ମିଳିଛି । ସରକାର ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ସାଲେପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ବ୍ଲକ ଅଂଚଳରେ ସରକାରଙ୍କ ଜାତୀୟ ଶିକ୍ଷାନୀତି ଦିଗହରା ହୋଇଥିବା ଶୁଣିବାକୁ ମିଳିଛି । ବିଗିଡି ଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ତୁରନ୍ତ ସଜାଡିବା ସହ ଗୁଣାତ୍ମକ ଶିକ୍ଷା ଦେବାକୁ ଶିକ୍ଷାବିତ୍ ଓ ସଚେତନ ନାଗରିକଙ୍କ ମହଲରେ ଦାବି ହୋଇଛି । ପିଲାଙ୍କ ଭବିଷ୍ୟତ ଗଢିବାକୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ କଥା କହୁଛି । ଏତେ ପରେ ବି ଛାତ୍ର ଛାତ୍ରୀମାନେ ଅଧାରୁ ପାଠ ପଢା ଛାଡୁଥିବାର ନଜିର ରହିଛି । ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ପ୍ରାଥମିକ ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଏବେ ବୃଦ୍ଧି ପାଇବାରେ ଲାଗିଛି । ପ୍ରକୃତରେ ଛାତ୍ର ଛାତ୍ରୀମାନେ ସ୍କୁଲକୁ ନଆସି ଏହାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥାପନ ପୁସ୍ତିକାରେ ଦର୍ଶାଉଥିବା ଶୁଣିବାକୁ ମିଳୁଛି । ଆର୍ଥିକ ଅନଗ୍ରସର ପରିବାରର ପିଲାମାନେ ଅଧାରୁ ପାଠ ଛାଡୁଥିବାର ଦେଖିବାକୁ ମିଳୁଛି । ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୧୬୨ ରହିଥିବା ଜଣାଯାଇଛି । ୧୬୨ ଟି ସ୍କୁଲରେ ୧୬୬୪୯ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ୫୦୦ ଜଣ ଶିକ୍ଷକ ସେମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ସରକାରଙ୍କର ନିୟମାନୁଯାୟୀ ୩୦ ଜଣ ଛାତ୍ର ଛାତ୍ରୀରେ ଜଣେ ଶିକ୍ଷକ ଶିକ୍ଷାଦାନ କରିବାକୁ ଥିବା ବେଳେ ଏଠାରେ କିନ୍ତୁ ୩୪ ଜଣ ପିଲାରେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଥିବାର ଦେଖାଯାଇଛି । ସେହିପରି ଭାବରେ ଏହି ବ୍ଲକ ଅଧିନରେ ଥିବା ୬୦ଟି ବିଦ୍ୟାଳୟରେ ରୋଷେଇଘର ନଥିବା ଜଣାଯାଇଛି । ଏହାର ନଜିର ରହିଛି ମୁର୍କୁଣ୍ଡି ଦାସସାହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଓ ଗୁଣୁପୁର ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ବର୍ତ୍ତମାନ ନୂତନ ଗୃହ କାର୍ଯ୍ୟ ନିର୍ମାଣ ଚାଲିଛି । ୫ଟି ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ବିଦ୍ୟୁତ ସଂଯୋଗ ନଥିବାର ଜଣାଯାଇଛି । ବହୁ ସ୍କୁଲରେ ଶୌଚାଳୟ ଗୁଡିକ ଅପରିଷ୍କାର, ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବାରୁ କୁନି କୁନି ଛାତ୍ର ଛାତ୍ରୀମାନେ ବାହାରକୁ ଖୋଲା ସ୍ଥାନରେ ମଳତ୍ୟାଗ କରୁଥିବାର ଦେଖିବାକୁ ମିଳିଛି । ସରକାର ଛାତ୍ର ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ସାଲେପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ବ୍ଲକ ଅଂଚଳରେ ସରକାରଙ୍କ ଜାତୀୟ ଶିକ୍ଷାନୀତି ଦିଗହରା ହୋଇଥିବା ଶୁଣିବାକୁ ମିଳିଛି । ବିଗିଡି ଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ତୁରନ୍ତ ସଜାଡିବା ସହ ଗୁଣାତ୍ମକ ଶିକ୍ଷା ଦେବାକୁ ଶିକ୍ଷାବିତ୍ ଓ ସଚେତନ ନାଗରିକଙ୍କ ମହଲରେ ଦାବି ହୋଇଛି ।

# ଜାଗାମିଶନ ନାଁରେ ବସ୍ତିବାସିନ୍ଦାଙ୍କୁ ଠକିଛନ୍ତି ସରକାର : ବିଜେପି

ଭୁବନେଶ୍ୱର, ୦୮/୦୯ (ନି.ପ୍ର): ନିର୍ବାଚନ ଆସିଲେ ନବୀନ ବାବୁଙ୍କର ବସ୍ତିବାସିନ୍ଦାଙ୍କ କଥା ମନେପଡେ । ଭୁବନେଶ୍ୱରରେ ବସ୍ତି ବାସିନ୍ଦାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ତିନି ତିନି ଥର ସର୍ଭେ କରି କାନ୍ଥରେ ଟିଣ ପ୍ଲେଟ ମାରି ଘର ଓ ପଟ୍ଟା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ସବୁ କେବଳ ଫଟୋ ଆଉ ଖବର କାଗଜରେ ସୀମିତ ରହିଛି । ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପଟ୍ଟାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଲଗାଇ ବସ୍ତିବାସିନ୍ଦାଙ୍କୁ ଦେଇଥିଲେ । ନବୀନ ବାବୁ ଯେଉଁ ପଟ୍ଟା ବାଂଟିଥିଲେ ତାହା ରଦି କାଗଜଠାରୁ ହୀନ ବୋଲି କିଛିଦିନ ପରେ ଜାଣିବାକୁ ପାଇଥିଲେ ବସ୍ତିବାସିନ୍ଦା । ପୁଣି ଏବେ ଡ୍ରୋନ ସର୍ଭେ କରି ପ୍ରମାଣ ପତ୍ର ବାଂଟିଲେ ଓ ଏହା ଠିକ୍ ପଟ୍ଟା ବୋଲି କହିଲେ । ତାହାଲେ ପୂର୍ବରୁ ହୋଇଥିବା ତିନୋଟି ସର୍ଭେ କ'ଣ ତାହାର ଉତର ଦିଅନ୍ତୁ ରାଜ୍ୟ ସରକାର । ବସ୍ତିବାସିନ୍ଦାଙ୍କୁ ନ୍ୟାୟ ଦେବା ପାଇଁ ଭାରତୀୟ ଜନତା ପାର୍ଟି ରାଜ ରାସ୍ତାରେ ଲଢ଼ିବା ସହ କୋର୍ଟରେ ଲଢ଼ିବ । ସେହିପରି ଧାରା-୪୨୦ ଭାରତୀୟ ନ୍ୟାୟପାଳିକା ଅନୁସାରେ କମିଶନଙ୍କ ନାଁରେ ମକଦ୍ଦମା ରୁଜୁ କରି କାଠଗଡାକୁ ଟାଣିବୁ ବୋଲି ବିଜେପିର ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି । ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂ କହିଛନ୍ତି ଯେ, ଗତ ତିନିଦିନ ତଳେ ୟୁନିଟ୍-୪ରେ ଜଣେ ଲୋକ ପଟ୍ଟା ପାଇଥିବା ସତ୍ତ୍ୱେ ବିଏମ୍‌ସି ଗାଡି ଯାଇ ତାର ଘରକୁ ଭାଙ୍ଗି ଦେଲା । ସେହିପରି ବସ୍ତିରେ ରହୁଥିବା ବନିତା ବିଶୋଇ ନାମ୍ନୀ ଜଣେ ମହିଳା ବିଏମସି ଦେଇଥିବା ପଟ୍ଟାକୁ ନେଇ ବ୍ୟାଙ୍କକୁ ଯାଇଥିଲେ ଋଣ ଆଣିବା ପାଇଁ କିନ୍ତୁ ସେଠାରେ ତାଙ୍କୁ ଋଣ ଦେବା ପାଇଁ ମନା କରିଥିଲେ ବ୍ୟାଙ୍କ ମ୍ୟାନେଜର । ଏହି ପଟ୍ଟା ଗୁଡିକ ଗୋଚର ଜମିର ପଟ୍ଟା । ବିଏମସି କମିଶନର ବିଜେଡିର ମୁଖପାତ୍ର ସାଜି ବିଭ୍ରାନ୍ତକର ତଥ୍ୟ କାହିଁକି ଗଣମାଧ୍ୟମରେ କହୁଛନ୍ତି ବୋଲି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ସର୍ଭେ ନାଁରେ ପ୍ରଚୁର ଟଙ୍କା ଖର୍ଚ୍ଚ କଲେ । ଏବେ ସହରାଂଚଳରେ ବସ୍ତି ବାସିନ୍ଦାମାନଙ୍କୁ ଯେଉଁ କାଗଜ ଖଣ୍ଡିଏ ଦିଆଯାଉଛି ସେହି କାଗଜରେ ଲେଖାଯାଇଛି ଯେ, ଏହା ଏକ ଫର୍ମ ବୋଲି । ତା ତଳକୁ ଲେଖା ହୋଇଛି ଏହା ଏକ ପ୍ରମାଣ ପତ୍ର ବୋଲି । ଆଉ ଏହାକୁ ରାଜ୍ୟ ସରକାର କହୁଛନ୍ତି ଏହା ପଟ୍ଟା । ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ଏହା ଫର୍ମ ନା ପ୍ରମାଣ ପତ୍ର ନା ପଟ୍ଟା । ଜଣେ ବସ୍ତିବାସିନ୍ଦାଙ୍କୁ ୩୨୩ ବର୍ଗ ଫୁଟ୍‌ର ଜମି ଦେଇଛନ୍ତି । କିନ୍ତୁ ଘରକୁ ଯିବାକୁ ୨୦ଫୁଟର ରୋଡ ନହେଲେ ପ୍ଲାନ ଆପ୍ରୁଭାଲ ହେବ ନାହିଁ । ଏହି ପ୍ଲାନ ଆପ୍ରୁଭାଲ କେମିତି ଦେବ ବିଏମ୍‌ସି ଖାଲି ଜମି ଦେଲେ ହେଲେ ରାସ୍ତା ପାଇଁ ଜମି ଦେଲେ ନାହିଁ । ବସ୍ତିବାସିନ୍ଦାଙ୍କୁ ରାଜ୍ୟ ସରକାର ଘରବାଡି ପଟ୍ଟା ଦେବେ ବୋଲି କହିଥିଲେ କିନ୍ତୁ ଗୋଚର ଜମିରେ ଦେଇଛନ୍ତି । ପୂର୍ବରୁ ପ୍ରିମିୟମ ଅବଧି ତିନି ଦିନ ଥିଲା, ଏବେ ୬ମାସକୁ ବୃଦ୍ଧି କରିଛନ୍ତି । ନିର୍ବାଚନ ୬ମାସ ଥିବାରୁ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ପାଇଁ ନୂଆ ସୂତ୍ର କରିଛନ୍ତି । ଯେଉଁ ବସ୍ତିବାସିନ୍ଦା ଟଙ୍କା ଦେଉଛନ୍ତି ସେମାନଙ୍କୁ ଫେକ୍ ରିସିପ୍ଟ କାଟୁଛନ୍ତି । ଯାହାକୁ ସେମାନେ ନେଇ ପରେ ବିଏମ୍‌ସିରେ ଅଭିଯୋଗ କିମ୍ବା କେସ୍ କରିପାରିବେ ନାହିଁ । ବସ୍ତିବାସିନ୍ଦାଙ୍କୁ ପଟ୍ଟା ନୁହେଁ ସାଧାରଣ କାଗଜ ଦେଇ ରାଜ୍ୟ ସରକାର ଠକି ୨୦୨୪ ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରିଛନ୍ତି । ରାଜ୍ୟ ସରକାରଙ୍କ "ନୀଳବର୍ଣ୍ଣ ଶୃଗାଳର ରୂପ"କୁ ବସ୍ତିବାସିନ୍ଦା ଚିହ୍ନିସାରିଛନ୍ତି, ଆଗାମୀ ଦିନରେ ବସ୍ତିବାସିନ୍ଦା ଏହାର ଜବାବ ଦେବେ ।

# କାଦୁଅ ପାଣିରେ ବିଦ୍ୟାଳୟ ଯିବାକୁ ଅମଙ୍ଗ ଛାତ୍ରଛାତ୍ରୀ, ଚିନ୍ତାରେ ଅଭିଭାବକ : ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା, ୦୮/୦୯ (ନି.ପ୍ର): ସରକାର ଗାଁର ବିକାଶ ସାଙ୍ଗକୁ ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳର ବିକାଶ ପାଇଁ ପଂଚାୟତରାଜ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଗାଁ ରାସ୍ତା ଘାଟ ଉନ୍ନତି ପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି । ଅନ୍ୟପକ୍ଷରେ ଶିକ୍ଷାକ୍ଷେତ୍ରରେ ସରକାର ବିଦ୍ୟାଳୟମାନଙ୍କର ରୂପାନ୍ତରିକରଣ କରୁଛନ୍ତି । ସ୍ମାର୍ଟ କ୍ଲାସ ସହ ସାଜସଜ୍ଜା ବିଦ୍ୟାଳୟ ଗୃହରେ ପାଠ ପଢା ହେବ । ଏନେଇ ଫାଇଭ-ଟି ମାଧ୍ୟମରେ ରାଜ୍ୟର ଅନେକ ବିଦ୍ୟାଳୟର ଉନ୍ନତିକରଣ କରାଯାଇଛି । ହେଲେ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଫଳରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆସିବାକୁ ଅମଙ୍ଗ ହେଉଛନ୍ତି । ଯାହାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି । ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକେ ପ୍ରଶାସନକୁ ଦାୟୀ କରିଛନ୍ତି । ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତ ଅଧିନସ୍ଥ ସାହାପଡା ଗ୍ରାମରେ ୨ଶହରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । ପିଲାମାନଙ୍କ ପାଠ ପଢା ପାଇଁ ଗାଁ ମଝିରେ ସାହାପଡା ନୋଡାଲ ଉ.ପ୍ରା. ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟ ୧ମରୁ ୮ମ ଶ୍ରେଣୀ ରହିଥିବା ବେଳେ ଏଠାରେ ଅଢେଇ ଶହରୁ ଉର୍ଦ୍ଧ ଛାତ୍ରଛାତ୍ର ପାଠପଢିବାକୁ ବିଦ୍ୟାଳୟକୁ ଯାଇଥାନ୍ତି । ହେଲେ ଏହି ପିଲାମାନେ ବିଦ୍ୟାଳୟ ଯିବାକୁ ରାଜି ହେଉ ନଥିବା ବେଳେ ଯାହାକୁ ନେଇ ଅଭିଭବକକମାନେ ଚିନ୍ତାରେ ପଡିଯାଇଛନ୍ତି । ସାମାନ୍ୟ ବର୍ଷା ଜଳରେ ଗାଁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ସହ ନଦୀ ବନ୍ଧ କଡରୁ ମାଟି ଅତଡା ଖସି ରାସ୍ତାରେ କାଦୁଅ ହେବାରେ ଲାଗିଛି । ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ସାଇକେଲରେ ଯିବା ସମ୍ଭବ ହେଉ ନଥିବାରୁ ସ୍କୁଲକୁ ଚାଲିକି ଯିବାକୁ ପଡୁଛି । ଚାଲିକି ଯିବା ସମୟରେ ସ୍କୁଲ ପୋଷାକ ନଷ୍ଟ ହୋଇଯାଉଛି । ଏପରିକି ପାଣିରେ ଭିଜିଭିଜି ଯିବା ଫଳରେ ଅନେକ ସମୟରେ ଥଣ୍ଡା, ଶ୍ୱାସ ଓ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି । ଏପରିକି ସ୍କୁଲକୁ ଅଧ କି.ମି. ରାସ୍ତା ଦେଇ କାଦୁଅ ପାଣିରେ ପଶି କି ଯିବାକୁ ପଡୁଛି । ଯିବା ସମୟରେ ଅନେକ ସମୟରେ ଛାତ୍ରଛାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ ସ୍ଥାନୀୟ ଲୋକେ ଘରୁ ପଦାକୁ ଆସିବାକୁ ରାଜି ହେଉ ନାହାନ୍ତି । ଦୁଆର ମୁହଁରେ କାଦୁଅ । ଅନେକ ସମୟରେ ରାତିରେ ଘରେ ସାପବେଙ୍ଗ ପଶୁଥିବା ବେଳେ ଛୋଟ ଛୋଟ ପିଲାମାନଙ୍କୁ ଥଣ୍ଡା ଲାଗି ରହୁଛି । ବୟସ୍କ ଲୋକମାନେ ହାଟ ବଜାରକୁ ଯିବା ସମୟରେ ରାସ୍ତାରେ ପଡି ଆହତ ହେଉଛନ୍ତି । ଏନେଇ ସ୍ଥାନୀୟ ଲେକେ ବାରମ୍ବାର ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ତେବେ ଏହି ଅଂଚଳ ପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି ସହ ନଦୀ ବନ୍ଧ ରାସ୍ତା କଡକୁ ପଥର ପ୍ୟାକଂ ସହିତ ଡ୍ରେନର ବ୍ୟବସ୍ଥା କରିବାକୁ ସାହାପଡାବାସୀ ଦାବି କରିଛନ୍ତି । ତୁରନ୍ତ ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମର ଶ୍ରୀନିବାସ ସାହୁ, ଜଗବନ୍ଧୁ ସେଠୀ, ସତିଶ ସାହୁ, ସରୋଜ ସେଠୀ ଓ ପାନ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି ।

# ପାଖନାଗୁଡା ରାଧାକୃଷ୍ଣ ମନ୍ଦିରରେ ପବିତ୍ର ନନ୍ଦୋତ୍ସବ ଅନୁଷ୍ଠିତ

ମାଲକାନଗିରି, ୦୮/୦୯ (ନି.ପ୍ର): ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ଗୌଡୀୟ ବୈଷ୍ଣବ ମତବାଦର ପ୍ରତୀକ ସ୍ୱରୂପ କୃଷ୍ଣ ଜନ୍ମାଷ୍ଟମୀ ପର ଦିନ ନନ୍ଦୋତ୍ସବ ମେଲଣ ଓ ବାଳ କୃଷ୍ଣ ମାନଙ୍କ ପବିତ୍ର ବେଶ ନୀତି ମହା ଆଡ଼ମ୍ବରରେ କୁଡୁମୁଲୁଗୁମ୍ମା ପାଖନାଗୁଡା ରାଧାକୃଷ୍ଣ ମନ୍ଦିରରେ ଆୟୋଜିତ ହୋଇଯାଇଛି । ଶାସ୍ତ୍ରୀୟ ପଦ୍ଧତିରେ ପ୍ରାତଃ କାଳରେ ପୂଜାପଣ୍ଡା ସେବକମାନେ ଷୋଡ଼ଶ ଉପଚାରରେ ନୈବେଦ୍ୟ ଅର୍ପଣ ପୂର୍ବକ ପବିତ୍ର କୃଷ୍ଣ ଜନ୍ମନୀତି ପରବର୍ତ୍ତୀ ରୀତିନୀତି ଅନୁସାରେ ନନ୍ଦୋତ୍ସବ ପର୍ବ ଆରମ୍ଭ କରିଥିଲେ । ପ୍ରଥମେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଓ ଭଗବାନ କୃଷ୍ଣଙ୍କ ବିଜେ ପ୍ରତିମାକୁ ଆବାହନ ପୂର୍ବକ ଘଂଟ ଖୋଳ କରତାଳ, ଶଂଖ ଧ୍ୱନିରେ ମଙ୍ଗଳ ଆଳତି ଓ ସ୍ନାନ ନୀତି ସମ୍ପାଦନ କରିଥିଲେ ।ଆଖ ପାଖ ଗ୍ରାମର କୁନି କୁନି ବାଳୁତ ପିଲାମାନେ ଶ୍ରୀ କୃଷ୍ଣ ଓ ରାଇ ଦାମୋଦର ବେଶ ରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ ।ନନ୍ଦ ଓ ଯଶୋଦା ମାତାଙ୍କ ବେଶରେ ଅଭିଭାବକ ମାନେ ଓ କୁନି କୁନି ବାଳ ଗୋପାଳ ବେଶ ରେ ଛୋଟ ପିଲାମାନେ ଗ୍ରାମ ଦାଣ୍ଡରେ ନୃତ୍ୟ କରିଥିଲେ । କୃଷ୍ଣ ଜନ୍ମ ନୀତି ପରେ ନନ୍ଦୋତ୍ସବ ମାଧ୍ୟମରେ ଭୋଜିଭାତ ଆୟୋଜନ କରାଯାଇଥିଲା । ଏହି ନନ୍ଦୋତ୍ସବରେ ମାନ୍ୟବର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥିଙ୍କ ସହ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ,ସାଧୁ ହନ୍ତାଳ, ଗୋପୀ ପାଙ୍ଗୀ ପ୍ରମୁଖ ଯୋଗଦେଇ ନାମ ସଂକୀର୍ତ୍ତନରେ ଭାଗ ନେଇଥିଲେ । ନନ୍ଦୋତ୍ସବ ଆୟୋଜନରେ ସମସ୍ତ କୃଷ୍ଣ ପ୍ରେମୀ ଭକ୍ତଜନ ତଥା ମନ୍ଦିର ପରିଚାଳନା କମିଟି ସଦସ୍ୟ ସ୍ୱର୍ଗ ଶ୍ରୀ ଗୋପୀନାଥ ଦାସ, ରମେଶ ଚନ୍ଦ୍ର ରଥ, ବାଳକୃଷ୍ଣ ପ୍ରଧାନ,ଭଗବାନ ସାହୁ, କାଳୀ ପ୍ରସାଦ ପ୍ରଧାନ, ରାମଚନ୍ଦ୍ର ମାଢୀ,ଶୁକ୍ରା କୁଆସୀ, ଗୋପୀନାଥ ମାଢୀ, କୃଷ୍ଣ ମାଢୀ,ଡମ୍ବୁ ଆଦବାରୀ,ବନ୍ଧୁ ମାଝୀ, ଗୁରୁ ମାଢୀ,ଭୀମ କୁଆସୀ, ଅର୍ଜୁନ ମାଢୀ ଓ କୁଡୁମୁଲୁଗୁମ୍ମା, ପାଖନାଗୁଡା, ଦୋରାଗୁଡା, ବାଲିଗୁଡା, ଲଙ୍ଗଲଗୁଡା ଆଦି ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗରେ ଆୟୋଜନ କରାଯାଇଥିଲା । ଗୌଡୀୟ ବୈଷ୍ଣବ ପରମ୍ପରାର ମହାନ ପ୍ରବର୍ତ୍ତକ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମତାନୁସାରେ ସମଗ୍ର ବିଶ୍ୱରେ ଏହି କୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଆୟୋଜିତ ହୋଇ ଆସୁଅଛି । ରାଧାକୃଷ୍ଣ ମନ୍ଦିର ପାଖନାଗୁଡା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ଭକ୍ତଜନଙ୍କୁ ଅନ୍ନ ପ୍ରସାଦ ଅର୍ପଣର ବ୍ୟବସ୍ଥା କରାଯାଇଥିଲା । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ରକ୍ଷଣାବେକ୍ଷଣ ସହ ସମଗ୍ର ଆଦିବାସୀ ଅଧୁଷିତ ଅଂଚଳରେ କୃଷ୍ଣନାମ ପ୍ରେମରେ ଉଦ୍ବୃଦ୍ଧ କରିଥିବା ଏହି ପ୍ରଚେଷ୍ଟା କୁ ସୁ ମହଲରେ ପ୍ରଶଂସା କରାଯାଇଛି ।

# ପଥରପଦା ସେତୁରେ ବିପଦପୂର୍ଣ୍ଣ ଗର୍ତ୍ତ: ସ୍ଥାୟୀ ପ୍ରତିକାର ଦାବି

କୋରେଇ, ୦୮/୦୯ (ନି.ପ୍ର): ପ୍ରତିଦିନ ରାଜପଥ ନିର୍ମାଣ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଅନେକ ସ୍ଥାନରେ ରାଜପଥର ବିପଦପୂର୍ଣ୍ଣ ଗର୍ତ୍ତ ଯୋଗୁଁ ରାଜପଥ ମରଣଯନ୍ତା ପାଲଟିଛି । ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ର ପଥରପଦା ସେତୁ ରେ ବାରମ୍ବାର ବିପଦପୂର୍ଣ୍ଣ ଭାବେ ଗର୍ତ୍ତ ସୃଷ୍ଟି ହେଉଥିବା ବେଳେ ଏନେଇ ଏହାର ସ୍ଥାୟୀ ପ୍ରତିକାର ପାଇଁ ରାଜପଥ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି । ଅନେକ ଗୁରୁତ୍ୱ ବହନ କରୁଥିବା ୧୬ ନମ୍ବର ଜାତୀୟ ରାଜପଥ ରେ କେଉଁଠି ତ୍ରୁଟିପୂର୍ଣ୍ଣ ଡାଇଭର୍ସନ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଅନେକ ଧନ ଜୀବନ କ୍ଷୟକ୍ଷତି ହେଉଛି । ତେବେ ଏ ଦିଗରେ ରାଜପଥ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ପ୍ରକାଶ ଯେ, ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ସ୍ଥିତ ନିର୍ମାଣଧୀନ ଟ୍ରମାକେୟାର ସେଣ୍ଟର ସମ୍ମୁଖ ସେତୁରେ ବାରମ୍ବାର ବିପଦପୂର୍ଣ୍ଣ ଭାବେ ଗର୍ତ୍ତ ସୃଷ୍ଟି ହେଉଛି । ପୂର୍ବରୁ ଅନେକ ଥର ସମାନ ସ୍ଥାନରେ ଏହିପରି ଭାବେ ଗର୍ତ୍ତ ସୃଷ୍ଟି ହେବା ଯୋଗୁଁ ଦୁଇ ଚକିଆ ଗାଡ଼ି ଗୁଡ଼ିକ ଏଠାରେ ଦୁର୍ଘଟଣାଗ୍ରସ୍ତ ହେବାର ନଜିର ରହିଛି । ଏନେଇ ରାଜପଥ ବିଭାଗ ଦ୍ୱାରା ସେହି ଗର୍ତ୍ତକୁ ମରାମତି କରାଯାଉଥିଲେ ମଧ୍ୟ କିଛି ଦିନ ମଧ୍ୟରେ ପୁନର୍ବାର ସେଠାରେ ଅନ୍ୟ ଏକ ଗର୍ତ୍ତ ସୃଷ୍ଟି ହେଉଛି । ତେବେ ବାରମ୍ବାର ଭାବେ ସେତୁ ଉପରେ ଏହିପରି ଭାବେ ଗର୍ତ୍ତ ସୃଷ୍ଟି ହେଉଥିବାରୁ ତାହା ସେତୁର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେତୁରେ ସୃଷ୍ଟି ହେଉଥିବା ଗର୍ତ୍ତରେ କଂକ୍ରିଟ ଖସି ରଡ଼ ଦେଖାଯାଇ ତାହା ବିପଦପୂର୍ଣ୍ଣ ଭାବେ ରହିଛି । ପ୍ରତିଦିନ ଏହି ପଥରପଦା ସେତୁ ଦେଇ ହଜାର ହଜାର ଛୋଟବଡ ଗାଡି ଯାତାୟାତ କରୁଛନ୍ତି, ଏଣୁ କେତେବେଳେ ଯେ କୌଣସି ଦୁଇ ଚକିଆ ଗାଡ଼ିର ଚକା ଫସି ଦୁର୍ଘଟଣା ନ ଘଟିବ ତାହା କହିହେବ ନାହିଁ । ପୂର୍ବରୁ ଅନେକ ବାର ଏହି ସ୍ଥାନରେ ସୃଷ୍ଟି ହେଉଥିବା ଗର୍ତ୍ତକୁ କଂକ୍ରିଟ ଏବଂ ପିଚୁ ପକାଯାଇ ମରାମତି କରାଯାଉଥିଲେ ମଧ୍ୟ ଦିନ କେଇଟାରେ ସେଠାରେ ପୁଣି ଥରେ ବିପଦପୂର୍ଣ୍ଣ ଗର୍ତ୍ତ ସୃଷ୍ଟି ହେଉଛି । ଏଣୁ ତୁରନ୍ତ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସେତୁରେ କିପରି ଗର୍ତ୍ତ ସୃଷ୍ଟି ନ ହେବ ସେନେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ରୁଗୁଡିପଡା ଦୁର୍ଗାପୂଜା ପାଇଁ ମୃତିକା ଅନୁକୂଳ

ବଲାଙ୍ଗୀର, ୦୮/୦୯ (ନି.ପ୍ର): ରୁଗୁଡିପଡା ଶାରଦୀୟ ଦୁର୍ଗାପୂଜା ପାଇଁ ମୃତିକା ଅନୁକୂଳ କରାଯାଇଛି । ମୂର୍ତି ନିର୍ମାଣ ପାଇଁ ରୀତିନୀତି ଅନୁସାରେ ଗୁରୁବାର ମୃତିକା ସଂଗ୍ରହ କରାଯାଇଛି । ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଏହି ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଚଳିତ ବର୍ଷ କର୍ତା ଭାବରେ ସଂଜୟ ପୂଜାରୀ ଓ ପତ୍ନୀ ଜ୍ୟୋସ୍ନା ପୂଜାରୀ ଦାୟିତ୍ୱ ତୁଲାଇଛନ୍ତି । ଏହି ଉପଲକ୍ଷେ ଆଜି ପୂଜା କମିଟି କର୍ମକର୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱବୃକ୍ଷଠାରେ ପୂଜାର୍ଚ୍ଚନା କରିଥିଲେ । ମୃତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ ।

# କାଗଜ କଳ ଶ୍ରମିକ ସଂଘ ବୈଠକ

ଜୟପୁର, ୦୮/୦୯ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ବୈଠକ ସଂଘ ର ସଭାପତି ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କାଗଜ କଳ ଓ ଶ୍ରମିକ ମାନଙ୍କର ବର୍ତମାନ ଅବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ୨୦୨୦ ଫେବୃଆରୀ ୨୬ ତାରିଖରୁ କାରଖାନା ନୂଆ କମ୍ପାନୀ ମଦର ଆର୍ଥ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ ହାତକୁ ଯାଇଛି ଏବଂ ଏହି କମ୍ପାନୀ କାଗଜ କଳ ଚଲେଇବା ପାଇଁ ୧୫୦ କୋଟି ଟଙ୍କା ଋଣ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ନେଇଥିଲେ ମଧ୍ୟ ଆଜି ପର ?ୟ୍ୟନ୍ତ ଠିକ୍ ଭାବେ ଚାଲିପାରିଲା ନାହିଁ । ଗତ ଜୁଲାଇ ୧୪ ତାରିଖରୁ କାରଖାନା ଉତ୍ପାଦନ ବନ୍ଦ ରହିଛି । ପାଂଚ ମାସ ହେଲା ଶ୍ରମିକ ମାନଙ୍କୁ ଦରମା ମିଳିନାହିଁ । ସେପ୍ଟେମ୍ବର ଏକ ତାରିଖରେ ୟୁନିଟ୍ ହେଡ୍ କୁ ଘେରାଉ କରିବା ପରେ ଗୋଟିଏ ମାସର ଆଡଭାନ୍ସ ଦରମା ସ୍ଥାୟୀ ଶ୍ରମିକ ମାନଙ୍କୁ ଦେଇଛି । କଂଟ୍ରାକ୍ଟର ଲେବର ଓ ସେକ୍ୟୁରିଟି ଗାର୍ଡ ମାନଙ୍କୁ ଆଜି ପର୍ଯ୍ୟନ୍ତ ମିଳିନାହିଁ । ୨୦୨୨ ମସିହାରୁ ସଂଘ କହି ଆସୁଛି ଯେ କାଗଜ କଳ ନାମରେ ଋଣ ନେଇ ପୁରୁଣା ମାଲିକ ଗୌତମ ଥାପରକୁ ୧୦୦ କୋଟି ଟଙ୍କା ଦେଇଛନ୍ତି , ଯଦି ବ୍ୟାଙ୍କ ଅର୍ଥ ସମ୍ପୂର୍ଣ୍ଣ ଭାବେ କାରଖାନା ରେ ବ୍ୟୟ ହୋଇଥାନ୍ତା ତେବେ ଆଜି ଏ ସଙ୍କଟାପନ୍ନ ଅବସ୍ଥାକୁ ଆସି ନଥାନ୍ତା । ଓଡ଼ିଶା ସରକାର ଙ୍କ ଅଗୋଚର ରେ କାରଖାନା ବିକ୍ରି ହୋଇଗଲା ଏବଂ ଋଣ ମଧ୍ୟ ନେଇଗଲେ , ତାପରେ ଓଡ଼ିଶା ସରକାରଙ୍କ ପାଖରୁ ଏନ୍‌ଓସି ମଧ୍ୟ ପାଇଗଲେ । ଶ୍ରମିକ ମାନଙ୍କ ଇପିଏଫ ଟଙ୍କା ମିଳିପାରୁ ନାହିଁ । ଅବସରପ୍ରାପ୍ତ ଶ୍ରମିକ ମାନେ ପେନସନ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ପାଇ ପାରିଲେ ନାହିଁ । ୩୨ ଜଣ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି ଏବଂ ଅନେକେ ମୃତ୍ୟୁ ସହ ଲଢେଇ କରି ବଂଚିଛନ୍ତି । ପ୍ରାୟ ଚାରି ବର୍ଷ ହେଲା କାରଖାନା ନାମକୁ ମାତ୍ର ଚାଲିଛି । କଂଚାମାଲ ଯୋଗାଣକାରୀ ସଂସ୍ଥାମାନଙ୍କର ବକେୟା ନଦେବାରୁ ସେମାନେ ଯୋଗାଣ ବନ୍ଦ ରଖିଛନ୍ତି । ଜିଲ୍ଲାପାଳଙ୍କ ଠାରୁ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଫାଇଭ୍ ଟି ସଚିବ ସମସ୍ତ ଙ୍କୁ ଚିଠି ଦିଆଯାଉଛି । ଏକ ଉଚ୍ଚସ୍ତରୀୟ ବୈଠକ ଡାକି କାଗଜ କଳ ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରାଯାଉଛି କିନ୍ତୁ କିଛି ହୋଇପାରୁ ନାହିଁ । ଏଣୁ ସଂଘର ବୈଠକ ରେ ନିଷ୍ପତି ନିଆଯାଇଛି ଯେ ଆସନ୍ତା ବିଧାନସଭା ଅଧିବେଶନ ବେଳେ ଭୁବନେଶ୍ୱରରେ ଧାରଣା ଦିଆଯିବ । ସମସ୍ତ ବିଧାୟକ ମାନଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯିବ । ତା ପୂର୍ବରୁ ଜୟପୁର ଠାରେ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସମସ୍ତ ସଂଗଠନ ମାନଙ୍କୁ ନେଇ ଏକ କନଭେନସନ୍ ଅନୁଷ୍ଠିତ କରି ସ୍ଥାନୀୟ କ୍ଷେତ୍ରରେ ଆନ୍ଦୋଳନ ଜୋରଦାର କରାଯିବ । ଆଜିର ବୈଠକରେ ପ୍ରଦୀପ ପାଣ୍ଡିଆ, ବନମାଳୀ ପାତ୍ର, ବସନ୍ତ ବେହେରା,ଅଲେଖ ପାତ୍ର,ଉମା ଶତପଥୀ,ଡି ପି ଅଗସ୍ତି,ଅଜୟ ବଳ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ସ୍ୱୟଂ ସହାୟିକା ଗୋଷ୍ଠୀ ମହାସମନ୍ୱୟ ଶିବିର

କେନ୍ଦ୍ରାପଡା, ୦୮/୦୯ (ନି.ପ୍ର): କେନ୍ଦ୍ରାପଡାର ୟୁନିୟନ ବ୍ୟାଙ୍କ ଆନୁକୂଲ୍ୟରେ ବାରୋଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହାସମନ୍ୱୟ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ । ୟୁନିୟନ ବ୍ୟାଙ୍କ ଆ ଲିକ ମୁଖ୍ୟ ସରୋଜ କୁମାର ରାଉତ, ଆର୍‌ଏବିଡି ମୁଖ୍ୟ ପୁଷ୍ପାଞ୍ଜଳୀ ରାଉତ, ଜିଲ୍ଲା ମିଶନ ଶକ୍ତି ଡିପିସି କୈଳାସ ସେନାପତି ଯୋଗ ଦେଇ ଋଣ ସହାୟତାରେ ମହିଳାମାନେ ସ୍ୱାବଲମ୍ବି ହେବା ସହିତ ପରିବାରର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବରୁ ୟୁନିୟନ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରିଥିଲା । ମହିଳାମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ କରାଯାଉଛି । ଏହାର ସୁଯୋଗ ନେଇ ନିଜକୁ ସ୍ୱାବଲମ୍ବି କରିବା ସହିତ ଉନ୍ନତି କରିବାକୁ ୟୁନିୟନ ବ୍ୟାଙ୍କ କଟକ ଆଂଚଳିକ ମୁଖ୍ୟ ଶ୍ରୀ ରାଉତ କହିଥିଲେ ।

# ରାଜପଥ ଖାଲରେ ପଡି ଓଲଟିଲା ଅଟୋ ୨ ଆହତ: ପ୍ରତିବାଦରେ ରାସ୍ତାରୋକ

କୋରେଇ, ୦୮/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ସୃଷ୍ଟି ହୋଇଥିବା ଖାଲରେ ପଡି ଏକ ଅଟୋ ଓଲଟି ପଡିବାରୁ ୨ ଜଣ ଆହତ ହୋଇଛନ୍ତି । ଗତକାଲି ଦୁର୍ଘଟଣା ଘଟି ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲା । ଜାତୀୟ ରାଜପଥରେ ବଡ ବଡ ଖାଲ ଯୋଗୁ ଏକ ଖାଲରେ ପଡି ବାରମ୍ବାର ଦୁର୍ଘଟଣା ଘଟୁଛି । ପୂର୍ବରୁ ବାରମ୍ବାର ଖାଲ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ହେଁ ରାଜପଥ ବିଭାଗ ଏଥି ପ୍ରତି କର୍ଣ୍ଣପାତ ନକରିବାରୁ ବର୍ତମାନ ବଡଖାଲ ହେବା ଯୋଗୁ ଦୁର୍ଘଟଣା ଘଟୁଛି । ଆଜି ଗୋଟିଏ ସ୍ଥାନରେ ଦୁଇରୁ ଉର୍ଦ୍ଧ ଦୁର୍ଘଟଣା ପରେ ତୃତୀୟ ବାର ଏକ ଅଟୋ ଯାଜପୁରରୋଡ ଷ୍ଟେସନରୁ ଯାତ୍ରୀଙ୍କୁ ଛାଡି ବିଂଝାରପୁର ଫେରୁଥିବା ସମୟରେ ଖାଲରେ ପଡି ଦୁର୍ଘଟଣାର ଶିକାର ହୋଇ ଓଲଟି ପଡିଥିଲାଥିଲା । ଫଳରେ ସେଥିରେ ଥବା ବିଂଝାରପୁରର ମୁଜାକିର ଖାନ(୧୮) ଓ ମୁଜାବିର ଖାନ (୨୨) ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ କରାଯାଇଥିଲା । ସ୍ଥାନୀୟ ଲୋକମାନେ ଏହାର ପ୍ରତିବାଦ କରି ରାସ୍ତାରୋକ କରିଥିଲେ । ଖବର ପାଇ ପାଣିକୋଇଲି ପୁଲିସ ଓ ରାଜପଥ ପେଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ୨ ଦିନ ମଧ୍ୟରେ ରାସ୍ତା ମରାମତି ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ମହାନଗର ନିଗମର କମିଶନରଙ୍କ କ୍ଷେତ୍ର ପରିଦର୍ଶନ

ସମ୍ବଲପୁର, ୦୮/୦୯ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଧନକଉଡା , ଅଇଁଠାପାଲି ଓ ଗୋଲବଜ଼ାର ସ୍ଥିତ ଜେପିଏମ୍ କୁ ଆଜି ସମ୍ବଲପୁର ମହାନଗର ନିଗମ କମିଶନର ଶ୍ରୀ ବେଦଭୂଷଣ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଗୁଡିକ ସମ୍ପର୍କରେ ପଚାରି ବୁଝିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବୁଲା ଗାଈ ଗୋରୁ ପଶି ଯାଉଥିବାରୁ ସେମାନଙ୍କୁ ଅବରୋଧ କରିବା ପାଇଁ କାଓ କେଚରର ବ୍ୟବସ୍ଥା ,ଖୋଲା ଡ୍ରେନକୁ ଘୋଡାଇବା, ପାର୍କିଙ୍ଗ ବ୍ୟବସ୍ଥା ,ମଡେଲ ଗେଟ, ଛାତ ଉପରେ ବର୍ଷାପାଣି ଜମି ରହୁଥିବାରୁ କାନ୍ଥ ଗୁଡିକ ଓଦା ହେବା ପରି ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଦୃଷ୍ଟି ଆକର୍ଷଣ କରା ଯାଇଥିଲା । ନିକଟ ଭବିଷ୍ୟତରେ କାୟକଳ୍ପ ଓ ଏନକ୍ୱାସ ସାର୍ଟିଫିକେସନ ପାଇଁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ପ୍ରସ୍ତୁତ ହେଉଥିବାରୁ ଏ ସମସ୍ତ ସମସ୍ୟା ଗୁଡିକ ସମାଧାନ କରାଯିବା ପାଇଁ ଅନୁରୋଧ କରାଯାଇଥିଲା ।

# ଏହି ୪ ରାଶିର ବ୍ୟକ୍ତି ସୁନା ଧାରଣ କଲେ ମିଳିଥାଏ ଶୁଭଫଳ

**ଭାରତୀୟ ସମାଜରେ ସୁନା ପ୍ରତି ଏକ ଅଲଗା ଆକର୍ଷଣ ରହିଛି । ବାସ୍ତୁଶାସ୍ତ୍ରରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେହିପରି ଗ୍ରହ ଦୋଷ କାଟିବା ପାଇଁ ଦେବୀ-ଦେବତାଙ୍କୁ ମଧ ସୁନା ଦାନ କରାଯାଇଥାଏ । ତେବେ ବାସ୍ତୁ ଅନୁସାରେ ଚାରୋଟି ରାଶିର ଲୋକେ ସୁନା ଅଳଙ୍କାର ପିନ୍ଧିଲେ ବିଶେଷ ଭାବେ ଲାଭବାନ ହୋଇଥା'ନ୍ତି । ସେମାନଙ୍କୁ ଏହା ଶୁଭ ଫଳ ଦେଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସେହି ଚାରୋଟି ରାଶି ସଂପର୍କରେ...**

ସିଂହ ରାଶି: ବାସ୍ତୁ ଅନୁସାରେ ଏହା ହେଉଛି ଅଗ୍ନି ତତ୍ତ୍ୱର ରାଶି । ଏହାର ସ୍ୱାମୀ ସୂର୍ଯ୍ୟଙ୍କ ସହିତ ସୁନାର କାରକ ଗୁରୁ ଗ୍ରହର ମିତ୍ର ଭଳି ସଂପର୍କ ରହିଥାଏ । ତେଣୁ ଏହି ରାଶିର ବ୍ୟକ୍ତିମାନେ ସୁନା ଅଳଙ୍କାର ପିନ୍ଧିଲେ ଭଲ । ଅତିକମ୍‌ରେ ଆଙ୍ଗୁଠିରେ ସୁନା ମୁଦିଟିଏ ପିନ୍ଧିଲେ ବି ଶୁଭଫଳ ପ୍ରାପ୍ତି ହୁଏ ।

କନ୍ୟା ରାଶି: ଏହି ରାଶିର ଲୋକଙ୍କ ଇଚ୍ଛା ପୂରଣ କରିବାରେ ସୁନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସୁନା ଧାରଣ କରିବା ଦ୍ୱାରା ଏହି ରାଶିର ବ୍ୟକ୍ତିଙ୍କୁ ଧନ, ସମ୍ପତ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

ସୁନା-ରୂପା କିଣିବାକୁ ଥିବା ଲୋକମାନଙ୍କ ପାଇଁ...

ତୁଳା ରାଶି: ସୁନା ମୁଦି, ଚେନ୍ ଆଦି ପିନ୍ଧିଲେ ଏହି ରାଶି ଲୋକଙ୍କ ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି କୁହାଯାଏ । ରୋଗ ଓ ଶତ୍ରୁଙ୍କଠାରୁ ବି ସୁରକ୍ଷା ମିଳେ । ସୁନାର ଅନ୍ୟାନ୍ୟ ଆଭୂଷଣ ଅପେକ୍ଷା ଆଙ୍ଗୁଠିରେ ସୁନା ମୁଦି ପିନ୍ଧିଲେ ଏହି ରାଶିର ଲୋକଙ୍କୁ ବିଶେଷ ଫଳପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

ଧନୁ ରାଶି: ବାସ୍ତୁ ଅନୁସାରେ ଧନୁ ରାଶିର ବ୍ୟକ୍ତିମାନେ ସୁନାର ଆଭୂଷଣ ଧାରଣ କଲେ ସବୁ କାର୍ଯ୍ୟ ଶୀଘ୍ର ହୋଇଥାଏ । କିନ୍ତୁ ଏହି ରାଶିର ବ୍ୟକ୍ତିମାନେ ପାଦରେ କୌଣସି ସୁନା ଆଭୂଷଣ ଧାରଣ କରିବା ଉଚିତ ନୁହେଁ ।



# ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ କୋଲେଷ୍ଟ୍ରଲର ଲକ୍ଷଣ: ଆଗରୁ ହୁଅ ସାବଧାନ

ହାଇ କୋଲେଷ୍ଟ୍ରଲ ସର୍ବଦା ଆମ ସ୍ୱାସ୍ଥ୍ୟର ଶତ୍ରୁ ଭାବରେ ବିବେଚନା କରାଯାଏ କାରଣ ଏହା ଅନେକ ରୋଗର ମୂଳ। ଏହା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ, କରୋନାରୀ ଧମନୀ ରୋଗ ଏବଂ ଟ୍ରିପଲ୍ ଭେସଲ ରୋଗର ବିପଦ ସୃଷ୍ଟି କରିଥାଏ, ଅତି ଖରାପ ଅବସ୍ଥାରେ, ଯେକୌଣସି ମଣିଷର ମୃତ୍ୟୁ ମଧ ହୋଇପାରେ। ହେଲେ ଏହାର ମାନେ ଏହା ନୁହେଁ ଯେ ପ୍ରତ୍ୟେକ କୋଲେଷ୍ଟ୍ରଲ ଖରାପ, ଭଲ କୋଲେଷ୍ଟ୍ରଲ ସାହାଯ୍ୟରେ ଆପଣଙ୍କ ଶରୀରରେ ସୁସ୍ଥ କୋଷ ଗଠନ ହୁଏ, ଯେତେବେଳେ ଖରାପ କୋଲେଷ୍ଟ୍ରଲ ପରିମାଣ ବଢ଼େ ତେବେ ସତର୍କ ରହିବା ଜରୁରୀ। ଏହି ଅବସ୍ଥାର ଲକ୍ଷଣ ସାଧାରଣତଃ ଦୃଶ୍ୟମାନ ହୁଏ ନାହିଁ, ଏହା ଲିପିଡ ପ୍ରୋଫାଇଲ୍ ପରୀକ୍ଷା ମାଧମରେ ଚିହ୍ନଟ ହୁଏ। ଯଦିଓ, ଶରୀରର କିଛି ଅଙ୍ଗରେ ଯନ୍ତ୍ରଣା ହୁଏ, ତେବେ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଉଚିତ୍।

***କେତେ ଖରାପ କୋଲେଷ୍ଟ୍ରଲ କ୍ଷତି:***

ଯେତେବେଳେ ରକ୍ତରେ କୋଲେଷ୍ଟ୍ରଲ୍ର ସ୍ତର ବଢ଼େ ଧମନୀରେ ଅବରୋଧ ଆରମ୍ଭ ହୁଏ, ଯେଉଁ କାରଣରୁ ହୃଦୟରେ ପହଞ୍ଚିବା ପାଇଁ ରକ୍ତକୁ ବହୁ ପରିଶ୍ରମ କରିବାକୁ ପଡ଼େ, ଏପରି ପରିସ୍ଥିତିରେ ହୃଦଘାତର ଆଶଙ୍କା ବଢ଼ିଯାଏ। ତେଣୁ, ଏହା ବୃଦ୍ଧି ହେବା ପୂର୍ବରୁ ଏହାକୁ ବନ୍ଦ କରିବା ଉଚିତ୍। ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ

***କୋଲେଷ୍ଟ୍ରଲର ଲକ୍ଷଣ:***

ଯେତେବେଳେ ରକ୍ତରେ ଖରାପ କୋଲେଷ୍ଟ୍ରଲ୍ର ସ୍ତର ବଢ଼େ, ସେତେବେଳେ ତୁମର ଜଙ୍ଘ, ପିଠି ଓ ମାଂସପେଶୀରେ ତୀବ୍ର ଯନ୍ତ୍ରଣା ହୁଏ, ଯାହା ଦ୍ୱାରା କଷ୍ଟ ହୁଏ। ଧମନୀରେ ଅବରୋଧ ହେତୁ ରକ୍ତ କେବଳ ହୃଦୟକୁ ନୁହେଁ ବରଂ ଶରୀରର ଅନ୍ୟ ସ୍ଥାନକୁ ମଧ ଯିବାରେ ଅସୁବିଧା ହୋଇଥାଏ। ବିଶେଷକରି ଗୋଡରେ ରକ୍ତ ପ୍ରବାହ ସଠିକ୍ ଭାବରେ ହୁଏନାହିଁ, ଏହି କାରଣରୁ ଏହି ଅଙ୍ଗରେ ଅମ୍ଳଜାନର ଅଭାବ ରହିଥାଏ, ଯେଉଁ କାରଣରୁ ଯନ୍ତ୍ରଣା ହୁଏ। ଏହି ସମସ୍ୟାକୁ ପେରିଫେରାଲ୍ ଧମନୀ ରୋଗ କୁହାଯାଏ।



***ତୁରନ୍ତ ରକ୍ତ ପରୀକ୍ଷା କରନ୍ତୁ:***

ଜଙ୍ଘ, ପିଠି ଓ ମାଂସପେଶୀରେ ପ୍ରବଳ ଯନ୍ତ୍ରଣା ହେତୁ ଆପଣଙ୍କୁ ଚାଲିବା, ସାଧାରଣ ଶାରୀରିକ କାର୍ଯ୍ୟକଳାପ ଏବଂ ପାହାଚ ଚଢ଼ିବାରେ ଅସୁବିଧା ହୋଇପାରେ, ତେଣୁ ଏହି ପରିସ୍ଥିତିରେ କୋଲେଷ୍ଟ୍ରଲ ସ୍ତର ଯାଞ୍ଚ କରିବା ପାଇଁ ଆପଣଙ୍କୁ ଲିପିଡ ପ୍ରୋଫାଇଲ୍ ପରୀକ୍ଷା କରିବା ଉଚିତ୍।

***ଏପରି ଲକ୍ଷଣ ପାଦରେ ମଧ ଦେଖାଯାଏ:***

୧. ପାଦ ଏବଂ ପାଦ ତଳେ ଅତ୍ୟଧିକ ଯନ୍ତ୍ରଣା ହେବା।
୨. ପାଦର ଅସ୍ଥିରତା।
୩. ପାଦ ଥଣ୍ଡା ହୋଇଯିବା।
୪. ପାଦ ହଳଦିଆ ହୋଇଯିବା।
୫. ଆଙ୍ଗୁଠିରେ ଯନ୍ତ୍ରଣା ହେବା।
୬. ଗୋଡରେ ଦୁର୍ବଳତା ଅନୁଭବ ହେବା।
୭. ପାଦର ଚର୍ମର ରଙ୍ଗରେ ପରିବର୍ତ୍ତନ ହେବା।



## ଭାରତର ସବୁଠୁ ଧିମା ରେଳଗାଡ଼ି



ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଖେଳନା ଟ୍ରେନ୍‌ଗୁଡ଼ିକର ବିଶେଷ ଆକର୍ଷଣ ରହିଥାଏ। ସେଥିରେ ଯାତାୟାତ କରିବା ବ୍ୟତୀତ ତାହା ସୁଡ଼ଙ୍ଗ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧରେ ଗତି କରୁଥିବାରୁ ପର୍ଯ୍ୟଟକମାନେ ଯାତ୍ରାର ମଜା ଉଠାଇଥା'ନ୍ତି। ଆଉ ଏକ ମଜା କଥା ହେଲା, ଏହି ଖେଳନା ଟ୍ରେନ୍‌ଗୁଡ଼ିକ ଖୁବ୍ ଧୀରେ ଧୀରେ ଗଡ଼ିଥା'ନ୍ତି। ଏହି କ୍ରମରେ ତାମିଲନାଡୁର ମେଟ୍ଟୁପାଲାୟାମ୍-ଉଟି ନୀଳଗିରି ଯାତ୍ରୀବାହୀ ଟ୍ରେନ୍‌ଟି ଦେଶର ସବୁଠୁ ଧିମା ରେଳଗାଡ଼ିର ମାନ୍ୟତା ରଖିଛି। ଦେଶର ଦ୍ରୁତତମ ଟ୍ରେନ୍‌ର ପ୍ରାୟ ଷୋହଳ ଭାଗରୁ ଭାଗେ ବେଗରେ, ଅର୍ଥାତ୍ ଘଣ୍ଟାକୁ ସର୍ବାଧିକ ୧୦ କି.ମି. ବେଗରେ ଯାଇପାରୁଥିବା ଏହି ଟ୍ରେନ୍‌ଟି ୪୬ କି.ମି. ଅତିକ୍ରମ କରି ତାହାର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ୫ ଘଣ୍ଟା ସମୟ ନେଇଥାଏ।

# ତ୍ୱଚାକୁ ସୁନ୍ଦର ରଖିବାକୁ ହେଲେ କରନ୍ତୁ ଏହି ଘରୋଇ ହର୍ବାଲ ଉପଚାର



ତ୍ୱଚାରେ ଚମକ ଆଣିବା ତଥା ତ୍ୱଚା ସମ୍ପର୍କୀୟ ସମସ୍ୟା ଦୂରେଇ ଦେବା ନିମନ୍ତେ ସବୁଠୁ ସୁରକ୍ଷିତ ତଥା ବିଶ୍ୱସନୀୟ ଉପଚାର ହେଲା ହର୍ବାଲ୍ ଉପଚାର। ହର୍ବାଲ୍ ଜିନିଷଗୁଡ଼ିକ ମୁଖ୍ୟତଃ ସହଜରେ ଘରେ ହାତ ପାହାନ୍ତାରେ ମିଳିଯାଇଥାଏ । ଏହାକୁ ବ୍ୟବହାର କରିବା ମଧ ସହଜ । ଏହା ବ୍ୟତୀତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମଧ ଭୟ ନଥାଏ । କିପରି ବ୍ୟବହାର କରିବେ ଜାଣନ୍ତୁ ।

ଗୋଟିଏ ବଡ଼ ଟମାଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ପେଷ୍ଟ କରି ଦିଅନ୍ତୁ । ଟମାଟ ପେଷ୍ଟରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ବିଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ପାଞ୍ଚ ମିନିଟ ପର୍ଯ୍ୟନ୍ତ ବିଟ୍ ପେଷ୍ଟକୁ ମୁହଁରେ ମସାଜ୍ କରନ୍ତୁ । ପେଷ୍ଟ ଶୁଖିଯିବାର ୧୦ ମିନିଟ୍ ପରେ ମୁହଁକୁ ସାବୁନରେ ଧୋଇ ଦିଅନ୍ତୁ।

ସେହିପରି ଚନ୍ଦନ ପାଉଡର, ଗୋଲାପ ଜଳ ଓ କ୍ଷୀରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ । ପେଷ୍ଟ ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁ ଭଲଭାବେ ଧୋଇ ନିଅନ୍ତୁ ।

ମହୁ ଓ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମୁହଁରେ ଚମକ ଆଣେ ଓ କଳାଦାଗରୁ ମୁକ୍ତି ଦିଏ ।

ହଳଦୀ, ଚନ୍ଦନଗୁଣ୍ଡ ଓ ଅଲିଭ୍ ଅଏଲକୁ ମିଶାଇ ଦେହରେ ଲଗାନ୍ତୁ । ଏହା ଶୁଖିଯିବାର ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ନିୟମିତ ଶରୀରକୁ କ୍ଷୀରରେ ମସାଜ୍ କରନ୍ତୁ। କ୍ଷୀର ମଏଶ୍ଚରାଇଜର୍ ଭଳି କାମ କରିଥାଏ । ଖାସ କରି ଶୀତ ଦିନରେ ରୁଖ ତ୍ୱଚାରୁ ମୁକ୍ତି ପାଇବା ପାଇଁ କରନ୍ତୁ ।

ଗାଜରକୁ କୋରି ଏହାର ପେଷ୍ଟ କରି ତ୍ୱଚାରେ ମସାଜ୍ କରନ୍ତୁ । ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

କ୍ଷୀର ଓ ଲେମ୍ବୁରସକୁ ମିଶାଇ ମୁହଁ ଓ ଶରୀରରେ ଲଗାନ୍ତୁ ।

# ବୁଲା ବିକାଳିରୁ କୋଟିପତି ଚିତ୍ରଶିଳ୍ପୀ

ଶିଳ୍ପୀମାନଙ୍କର ଜୀବନ ସର୍ବଦା ଅପ୍ରତ୍ୟାଶିତ ଏବଂ ବେଳେ ବେଳେ ଦୁର୍ଭାଗ୍ୟପୂର୍ଣ୍ଣ ହୋଇଥାଏ। ମାତ୍ର ରାସ୍ତାକଡ଼ରେ ବୁଲି ଅନାବନା ରେଖା ଚିତ୍ର (ଡୁଡଲ ପେଣ୍ଟିଂ)କୁ ମାତ୍ର ଗୋଟିଏ ଡଲାରରେ ବିକିପାରୁନଥିବା ଚିତ୍ରଶିଳ୍ପୀ ସାମ୍ କକ୍ସ ନିଜର ଏକାଗ୍ରତା ଓ ଅଧ୍ୟବସାୟ ଯୋଗୁଁ ପାଞ୍ଚ ବର୍ଷ ପରେ ତାହାକୁ କୋଟିଏ ଡଲାରରେ ବିକ୍ରି କରିବାର କାହାଣୀ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏକଦା ନିଜ ପେଟ ପାଇଁ ମୁଠେ ଦାନା ପାଇଁ ସାରା ଦିନ ରାସ୍ତାକଡ଼ରେ ଖରା, ବର୍ଷା, ଶୀତରେ ସନ୍ତୁଳି ହେଉଥିବା କକ୍ସଙ୍କ ସଂଘର୍ଷର ପ୍ରେରଣାଦାୟୀ କାହାଣୀ ଲୋକଲୋଚନକୁ ଆସିଛି। ମାତ୍ର ୧୫ ବର୍ଷ ବୟସ ବେଳୁ ସେ ଡୁଡଲ୍ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ତେବେ ୨୦୧୭ରେ ତାଙ୍କ ଅସଲି ଚିତ୍ରଶିଳ୍ପୀ ଜୀବନ ସ୍ୱୀକୃତି ଲାଭ କରିଥିଲା ଯେତେବେଳେ ସେ କେବଳ କଳା ରଙ୍ଗରେ ଆଙ୍କିଥିବା ଡୁଡଲ୍ ଛବିକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ସେହି ଛବିଟି ଇନ୍‌ଷ୍ଟାଗ୍ରାମରେ ୨.୮ ନିୟୁତ ଲୋକଙ୍କୁ ଆକର୍ଷିତ କରିଥିଲା। ନିକଟରେ ସେ ଛାଡ଼ିଥିବା ଭିଡିଓରେ ଅତୀତରେ ସେ କେମିତି ରାସ୍ତାକଡ଼ରେ ଛିଡ଼ା ହୋଇ ଚିତ୍ରକଳା ବିକୁଥିଲେ, ତାହା ଦର୍ଶାଇଛନ୍ତି। ତେବେ ମଜାର କଥା, ଯେଉଁ ଛବିଗୁଡ଼ିକୁ ଲୋକେ ମାତ୍ର ଗୋଟିଏ ଡଲାରରେ କିଣିବାକୁ ପସନ୍ଦ



# ମଣିଷ ପୂର୍ବରୁ ଶବ ପୋତୁଥିଲା ସମ୍ପର୍କୀୟ ପ୍ରଜାତି



ଦକ୍ଷିଣ ଆଫ୍ରିକାରେ ଆବିଷ୍କୃତ କିଛି ଜୀବାଶ୍ମରୁ 'ହୋମୋ ନାଲେଡି' ନାମକ ବିଲୁପ୍ତ ହୋଇ ଯାଇଥିବା ମଣିଷର ସମ୍ପର୍କୀୟ ପ୍ରଜାତିର କେତେକ ଆଶ୍ଚର୍ଯ୍ୟଜନକ ଚଳଣି ସମ୍ପର୍କରେ ନୂତନ ତଥ୍ୟ ଜାଣିବାକୁ ମିଳିଛି। ସେମାନେ ମଣିଷ ଭଳି ମୃତକମାନଙ୍କୁ କବର ଦେଉଥିଲେ ବୋଲି ଜଣାଯାଇଛି। ତାଙ୍କର ଶବ ପୋତିବାର ପ୍ରଥା ଆଧୁନିକ ମଣିଷଙ୍କ ଠାରୁ ୧ ଲକ୍ଷ ବର୍ଷ ପୁରୁଣା। ଦକ୍ଷିଣ ଆଫ୍ରିକାର୍ ୱ୍ୱାଟରସ୍ରାଣ୍ଡ ବିଶ୍ୱବିଦ୍ୟାଳୟର ଦଳେ ନୃତତ୍ତ୍ୱବିତ ଦକ୍ଷିଣ ଆଫ୍ରିକାର ରାଇଜିଂ ଷ୍ଟାର ଗୁମ୍ଫା ପ୍ରଣାଳୀ ଭିତରୁ ଆବିଷ୍କୃତ ୧୫ ପ୍ରକାର 'ହୋମୋ ନାଲେଡି' ପ୍ରଜାତିର ୧୫୦୦ ଜୀବାଶ୍ମକୁ ଅନୁଧ୍ୟାନ କରି ଏପରି ନିର୍ଯ୍ୟାସରେ ପହଞ୍ଚିଛନ୍ତି। ଏହି ପ୍ରଜାତି ଦୁଇ ଲକ୍ଷରୁ ତିନି ଲକ୍ଷ ବର୍ଷ ଯାଏ ବସତି ସ୍ଥାପନ କରିଥିବା ଅନୁମାନ କରାଯାଏ। ତେବେ ସେମାନଙ୍କ ଆଚରଣ ଉଭୟ ପୁରାତନ ଓ ଆଧୁନିକ ମନୁଷ୍ୟ ପ୍ରଜାତିର ଏକ ସମ୍ମିଶ୍ରଣ ଥିଲା। ଆମ ପରି ସେମାନଙ୍କର ହାତଗୋଡ଼ ଥିଲା ଏବଂ ସେମାନେ ସିଧା ହୋଇ ଚାଲୁଥିଲେ। ତେବେ ସେମାନଙ୍କ କାନ୍ଧର ଗଠନ ସେମାନଙ୍କୁ ଚଢ଼ିବା ପାଇଁ ସହାୟକ ହେଉଥିଲା ଏବଂ ପୁରାତନ ବଣମଣିଷ ପରି ସେମାନଙ୍କର ଦାନ୍ତର ଆକୃତି ଥିଲା। ସେମାନଙ୍କ ମସ୍ତିଷ୍କ ଆକାର ଆଧୁନିକ ମନୁଷ୍ୟ ମସ୍ତିଷ୍କର ଏକ-ତୃତୀୟାଂଶ ଥିଲା। ମଣିଷର ଅନ୍ୟ କୌଣସି ସମ୍ପର୍କୀୟ ପ୍ରଜାତିରେ ଶବକୁ କବର ଦେବା ପୂର୍ବରୁ କେବେ ଦେଖାଯାଇନଥିଲା। ଶବ ସତ୍କାର ପରି ସାମାଜିକ ଆଚରଣ ଆମକୁ ଅନ୍ୟ ପ୍ରାଣୀଙ୍କ ଠାରୁ ପୃଥକ୍ କରୁଥିବା ବେଳେ 'ହୋମୋ ନାଲେଡି'ମାନେ ମଧ ମୃତ୍ୟୁର ମହତ୍ତ୍ୱ ବୁଝିଥିଲେ।

# ଏହି ଫଳରେ ରହିଛି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ପଟାସିୟମ୍, କପର ଓ ଭିଟାମିନ୍ ସି



ଏବେ ବଜାରରେ ଯେଉଁଠି ଦେଖିବେ ଲିଚୁ। ବିଶେଷ କରି ସାବିତ୍ରୀ ଓ ରଜ ସମୟରେ ନଜର ଆସୁଥିବା ଏହି ଫଳଟି ଦେଖିବାକୁ ଯେମିତି ସୁନ୍ଦର ଖାଇବାକୁ ଆହୁରି ସୁଆଦିଆ। ମିଠା ଲାଗୁଥିବା ଏହି ରସାଳୁଆ ଫଳଟି ଅନେକ ଲୋକଙ୍କର ପ୍ରିୟ। ଏହା ଏକ ଋତୁଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଦେଖିବାକୁ ମିଳେ ନାହିଁ। ଏହି କାରଣରୁ ଆପଣ ଏବେ ଏହି ଫଳ ଖାଇକରି ଭରପୂର ମଜା ଉଠାନ୍ତୁ। ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବହୁ ଉପକାରୀ ମଧ। ଏହି ଫଳରେ ପ୍ରଚୁର ପରିମାଣର ଭିଟାମିନ୍, ମିନେରାଲ୍‌ସ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଏଥିରେ ରହିଥିବା ପଟାସିୟମ୍, କପର ଓ ଭିଟାମିନ୍ ସି ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରଥାଏ। ଲିଚି ହୃଦ୍‌ରୋଗ, କର୍କଟ ଓ ମଧୁମେହ ପରି ରୋଗ ସହ ଲଢ଼ିଥାଏ। ତେବେ ଲିଚୁ ଖାଇବାର ବି ଏକ ସୀମା ରହିଛି। ଆପଣ ଦିନକୁ ୧୦ରୁ ୧୨ଟି ଲିଚୁ ଖାଇପାରନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନାଁକୁ ନେଇ ବିବାଦ...

ଆମ ଦେଶରେ ଅନେକ ଲୋକଙ୍କର ଦୁଇଟି ନାଁ ଥାଏ- ଗୋଟିଏ ପରିବାରର ସାଙ୍ଗିଆ ଲାଗିଥିବା ପୂରା ନାମ ଏବଂ ଅନ୍ୟଟି ଡାକନାମ, ଯେମିତି ହରେକୃଷ୍ଣ ଅମୁକ ସାଙ୍ଗିଆ ପୂରାନାମ ଭାବରେ ବିଭିନ୍ନ ସରକାରୀ ବେସରକାରୀ କାଗଜପତ୍ରରେ ଲେଖାଯାଉଥିବା ବେଳେ ଲୋକମାନେ ସେଇ ଲୋକଙ୍କୁ 'ହରି' ନାମରେ ଡାକିଥାନ୍ତି। ଠିକ୍ ସେମିତି କୌଣସି ଜିନିଷ କିଣିବାକୁ ଦେଶରେ ଟଙ୍କା ଭାବରେ ଚଳୁଥିବା ଯେ କୌଣସି ଗୋଟିଏ ନୋଟକୁ ନେଲେ ସେଥିରେ ସ୍ପଷ୍ଟ ଭାବରେ ଦୁଇଗୋଟି ଭାଷାରେ ଲେଖା ଯାଇଥିବା ନାମ ଦେଖିବାକୁ ମିଳିବ- ଗୋଟିଏ ଲାଟିନ୍ ଲିପିରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଅନ୍ୟଟି ଦେବନାଗରୀ ଲିପିରେ ଭାରତୀୟ ରିଜର୍ଭ ବ୍ୟାଙ୍କ- ଯାହା ଏକାଠି ମିଶି ଖଣ୍ଡେ କାଗଜକୁ ବୈଧତା, ବିଶ୍ୱସନୀୟତା ଏବଂ ମୂଲ୍ୟ ପ୍ରଦାନ କରିଥାନ୍ତି ଏବଂ ଏହାକୁ ବିନିମୟର ମାଧ୍ୟମ ଭାବରେ ଏକ ମୁଦ୍ରାରେ ପରିଣତ କରିଥାନ୍ତି । କହିବାର ତାତ୍ପର୍ଯ୍ୟ- ପ୍ରତ୍ୟେକ ନୋଟ୍‌ରେ ଦୁଇଗୋଟି ଲିପିରେ ସମାନ କଥା ଲେଖା ଯାଇଥିଲେ ସୁଦ୍ଧା ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ଭିତରେ କେହି ହେଲେ ଏ ଦୁଇଗୋଟି ଯାକ ନାମର ଭାରତୀୟତା ଉପରେ ସନ୍ଦେହ ପ୍ରକଟ କରି ନାହାନ୍ତି, କାରଣ ସମଗ୍ର ଦେଶବାସୀ ଜାଣନ୍ତି ଯେ ବାସ୍ତବବାଦ ହେଉଛି, ଇଣ୍ଡିଆ ଏବଂ ଭାରତ ଗୋଟିଏ ଓ ସମାନ ନାଁ । ସର୍ବୋପରି, ଆମ ସମ୍ବିଧାନରେ ବି ଦେଶର ନାମ ସମ୍ପର୍କରେ ଏକଥା ସ୍ପଷ୍ଟ ଶବ୍ଦରେ ଲେଖା ହୋଇନାହିଁ କି- 'ଇଣ୍ଡିଆ ଦ୍ୟାଟ୍ ଇଜ୍ ଭାରତ...', ଅର୍ଥାତ୍ ଇଣ୍ଡିଆ କହିଲେ ଭାରତକୁ ବୁଝାଏ ! ତା'ହେଲେ ଯେ କୌଣସି ନାମରେ ଦେଶକୁ ଡାକିଲେ, ସେଥିରେ ଏତେ ଦ୍ୱନ୍ଦ୍ୱ କାହିଁକି ; ଯାକୁ ନେଇ ବାଦ ବିବାଦର ଯଥାର୍ଥତା କେଉଁଠି ? କେବଳ ଗୋଟିଏ ନିମନ୍ତ୍ରଣ ପତ୍ର ପରେ ଯେ ଏଇ ନାମକୁ ନେଇ ପରିସ୍ଥିତିରେ ଏତେ ବଡ଼ ପରିବର୍ତ୍ତନ ଘଟିଛି, ଏକଥା ଆମ ସମସ୍ତଙ୍କ ଉତ୍କଣ୍ଠା-ବିଜଡ଼ିତ ମନକୁ ଆନ୍ଦୋଳିତ କରିବାକୁ ଆରମ୍ଭ କରି ଦେଇଛି । ଏକ ସରକାରୀ ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର, ଯାହା ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜି-୨୦ ରାଷ୍ଟ୍ରମାନଙ୍କର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ପ୍ରଦାନ କରିଛନ୍ତି, ସେଥିରେ ନିମନ୍ତ୍ରଣ ପ୍ରଦାନକାରୀଙ୍କୁ ଭାରତର ରାଷ୍ଟ୍ରପତି ବୋଲି ଉଲ୍ଲେଖ କରାଯାଇଛି । ପ୍ରଥମଥର ପାଇଁ ସରକାରୀ ଯୋଗାଯୋଗରେ ଦେଶର ନାଁକୁ 'ଭାରତ' ଭାବରେ ବ୍ୟବହାର କରାଯାଇଛି, ଆଉ ତାହା ହିଁ ଦେଶର ନାମବାଚକ ଶବ୍ଦକୁ ବଦଳାଇବା ପାଇଁ ସାମ୍ପ୍ରତିକ ସମୟର ସରକାରଙ୍କ ଉଦ୍ଦେଶ୍ୟର ପ୍ରତିଫଳନ କରିବା ପାଇଁ ଯଥେଷ୍ଟ ହୋଇଛି, ଯାହାକୁ ନେଇ ଏସବୁ କଳ୍ପନା ଜଳ୍ପନା। ସମାଲୋଚକମାନେ ଏଭଳି କାର୍ଯ୍ୟର ଉଭୟ ପରିପ୍ରେକ୍ଷୀ ଏବଂ ସମୟକୁ ନେଇ ସେମାନଙ୍କର ସ୍ୱର ଶାଣିତ କରିଛନ୍ତି। ବିରୋଧୀ ଦଳମାନେ ବିଶ୍ୱାସ କରୁଛନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ସରକାର 'ଇଣ୍ଡିଆ' ନାଁ ବ୍ୟବହାର କରିବା ବନ୍ଦ କରି ଦେଇଛନ୍ତି, କାରଣ ସେମାନେ ସେମାନଙ୍କ ନିଜକୁ ଅର୍ଥାତ୍ ସେମାନଙ୍କ ମେଣ୍ଟର ନାଁକୁ 'ଇଣ୍ଡିଆନ୍ ନ୍ୟାସନାଲ ଡେଭଲପ୍‌ମେଣ୍ଟାଲ ଇନ୍‌କ୍ୟୁସିଭ୍ ଆଲିଆନ୍ସ' ଭାବରେ ନାମିତ କରି ଦେଲେ ଯାହାର ସଂକ୍ଷିପ୍ତ ରୂପ ହେଉଛି- 'ଆଇ.ଏନ୍.ଡି.ଆଇ.ଏ' ବା 'ଇଣ୍ଡିଆ' ଏବଂ ପ୍ରଧାନମନ୍ତ୍ରୀ ଯେ କୌଣସି ରୂପରେ ଏଇ ନାଁ ଉଚ୍ଚାରଣ କରି ସେମାନଙ୍କୁ କୌଣସି ଭାବରେ ସୁଦ୍ଧା ଡାକିବାର ମୂଲ୍ୟ ଦେବାକୁ ଚାହୁଁ ନାହାନ୍ତି । ଯଦି ବି ବିରୋଧୀମାନେ ସେମାନଙ୍କର ଆକଳନରେ ଠିକ୍ ହୋଇଥାନ୍ତି, ତଥାପି ସରକାର, ବା ସେହିଭଳି ଭାବରେ ଯେ କୌଣସି ବ୍ୟକ୍ତି ତାଙ୍କ ପାଇଁ ଯେଉଁଭଳି ଗ୍ରହଣୀୟ ହେବ, ସେଇ ନାଁରେ ଦେଶର ନାମକୁ ଉଚ୍ଚାରଣ କରିବାକୁ ସକ୍ଷମ ହେବେ। କାରଣ, ଉଭୟ 'ଭାରତ' ଓ 'ଇଣ୍ଡିଆ' ସମାନ ଦେଶର ନାମ ଏବଂ ତାକୁ ଯେ କୌଣସି ନାମରେ ଡାକିଲେ ବି ସେଇ ଗୋଟିଏ ଦେଶକୁ ବୁଝାଇବ । ଇଣ୍ଡିଆ ବା ଏହାର ଲାଟିନ୍ ନାମ ଇଣ୍ଡୋସ୍ ଭାବରେ ଆମ ଦେଶର ନାମ ଲେଖାଯିବାର ଇତିହାସ ପ୍ରାୟ ୩ ହଜାର ବର୍ଷର । ଆମ ଦେଶ ହେଉଛି ଏକମାତ୍ର ଦେଶ, ଯାହାର ନାମରେ ଏକ ମହାସାଗର ରହିଛି। ସେହିପରି ଭାରତ ହେଉଛି ଏକମାତ୍ର ଦେଶ, ଯାହାର ନାମ ଅନେକଗୁଡ଼ିଏ ଭୂଗୋଳ, ଦେଶ ଏବଂ ପରିଚୟ ସହିତ ଜଡ଼ିତ ହୋଇ ରହିଛି, ଯଥା- ଭାରତୀୟ ଉପମହାଦେଶ, ଇଣ୍ଡୋ-ଚାଇନା ଅଞ୍ଚଳ, ୱେଷ୍ଟ ଇଣ୍ଡିଜ୍, ରେଡ୍ ଇଣ୍ଡିଆନସ୍, ଏବଂ ଆହୁରି ଏମିତି ଅନେକ କିଛି । ଭାରତ ନାମ ଯଦି ଆମର ଗୌରବାବହ ଅତୀତ, ସଂସ୍କୃତି ଏବଂ ସଭ୍ୟତାକୁ ସ୍ମରଣ କରାଇ ଦେଉଥାଏ ତ ଇଣ୍ଡିଆ ମଧ୍ୟ ସେହିଭଳି ଏକ ଛାପ ବା ମାର୍କା ଯାହା ୟୁରୋପୀୟମାନଙ୍କୁ ଆବିଷ୍କାର କରିବା ପାଇଁ ଜଳଯାତ୍ରା କରିବାକୁ ଅନୁପ୍ରେରିତ କରିଥିଲା । ଇଣ୍ଡିଆ ଏବେ ସୁଦ୍ଧା ଏକ ମହାନ ସଭ୍ୟତାମୂଳକ ଛାପ, ଯାହାର ଏକମାତ୍ର ଶତ୍ରୁ ହେଉଛି ଚୀନ୍ । ପୁନଶ୍ଚ, ଏହି ପ୍ରସଙ୍ଗରେ କୁହାଯାଇପାରେ ଯେ ପୃଥିବୀରେ ଅନେକ ଦେଶ ଅଛନ୍ତି, ଯେଉଁମାନେ ଦୁଇଗୋଟି ନାମରେ ପରିଚିତ । ଉଦାହରଣ ସ୍ୱରୂପ, ଜାପାନ୍ ନିପ୍ପନ୍ ନାମରେ, ଜର୍ମାନୀ ଡ୍ୟାସ୍‌ଲ୍ୟାଣ୍ଡ ନାମରେ ଇତ୍ୟାଦି। ତେଣୁ ଶାସକ ଦଳ ହୁଅନ୍ତୁ କି ବିରୋଧୀ ଦଳମାନେ, ଦେଶର ନାମକୁ ନେଇ ଅଯଥା ବିବାଦ ସୃଷ୍ଟି କରିବା ଉଚିତ ନୁହେଁ, ଯାହାକି ଉଭୟ ଇଣ୍ଡିଆ ଯାହା ଭାରତ ତଥା ଭାରତ ଯାହା ଇଣ୍ଡିଆ । ମୋଟାମୋଟି ଏତିକି କୁହାଯାଇପାରେ ଯେ ଆମ ଦେଶ ଏଯାବତ୍ ଯେମିତି ରହି ଆସିଛି, ଅର୍ଥାତ୍ ଇଣ୍ଡିଆ ଏବଂ ଭାରତ ନାମ ଦୁଇଟି ଯେମିତି ସହାବସ୍ଥାନ କରି ଆସିଛନ୍ତି, ସେମିତି ରହିବାକୁ ଦିଆଯାଉ ।



## ପିଲାଙ୍କ ମନକୁ ବୁଝ

### ପ୍ରଣତି ଆଚାର୍ଯ୍ୟ ମିଶ୍ର

ସମାଚାର ଦେଖିବାକୁ ଟିଭି ଅନ୍ କରୁକରୁ ନଜର ପଡିଲା ସ୍କ୍ରିନ୍ ରେ ଲେଖା ଆସୁଛି ଜନୈକ ନବମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା ଉଦ୍ୟମ। ଏ'ତ ସବୁଦିନ ଘଟଣା ହୋଇଗଲାଣି। ମହାମାରୀ ପରି ଏହା ଛାତ୍ରସମାଜକୁ ବ୍ୟାପି ଚାଲିଛି। ପ୍ରତିଦିନ କୌଣସି ନା କୌଣସି ଶିକ୍ଷାନୁଷ୍ଠାନ ରେ ଛାତ୍ରଛାତ୍ରୀ ମାନଙ୍କ ଆତ୍ମହତ୍ୟା କରିବା ଘଟଣା ସାମ୍ନା କୁ ଆସେ। ଏହାର କାରଣ କଣ ? ଦେଶର ଭବିଷ୍ୟତ କଣ ପାଇଁ ହତୋତ୍ସାହିତ ହୋଇ ଏପରି ପଦକ୍ଷେପ ନେଉଛନ୍ତି ? ସୁନାମଧନ୍ୟ ବୋଲାଉଥିବା କୋଚିଂ ସେଣ୍ଟର ରାଜସ୍ଥାନର କୋଟାକୁ ହଜାର ହଜାର ଛାତ୍ରଛାତ୍ରୀ ମେଡିକାଲ ବା ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ପାଠ୍ୟକ୍ରମ ପାଇଁ ଆସନ୍ତି। ଆମ ରାଜ୍ୟ ର ମଧ ଅନେକ ଛାତ୍ରଛାତ୍ରୀ ପ୍ରତିବର୍ଷ ସେଠାକୁ କୋଚିଂ ପାଇଁ ଯାଆନ୍ତି। ଏବେ କିଛି ଦିନ ହେବ ଲଗାତାର ସେଠାରେ ଛାତ୍ର ଆତ୍ମହତ୍ୟା କରୁଥିବା ଜଣା ପଡିଛି। ଚଳିତ ବର୍ଷ ୨୩ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି।ଗତ ରବିବାର ଦୁଇ ଜଣ ଛାତ୍ର ପୁଣି ଆତ୍ମହତ୍ୟା କରିଛନ୍ତି। ଏହି ଛାତ୍ରମାନେ ସେଠାରେ ରହି କୋଚିଂ ଅନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତହେଉଥିଲେ। ତେବେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ର ଅବଧି ସେଠାରେ କାହିଁକି ଶେଷ ହେଉନାହିଁ ? ସୁବର୍ଣ୍ଣ ଭବିଷ୍ୟତ ରାସ୍ତାରେ ଥିବା ଛାତ୍ରଛାତ୍ରୀମାନେ ଜୀବନ ଶେଷ କରିବାକୁ ବାଧ ହେବାର କାରଣ କ'ଣ ? ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଭଳି ନକାରାତ୍ମକ ମନୋଭାବ କାହିଁକି ? ସାଧାରଣତଃ ଆଜିର ଜୀବନ ପ୍ରକ୍ରିୟା ଓ ଆମର ଏକତରଫା ଚିନ୍ତାଧାରା ଏହାର ମୁଖ୍ୟ କାରଣ କି ? । ଆଜିର ଭୌତିକତାବାଦୀ ଯୁଗରେ ଯିଏ ଅଧିକ ଟଙ୍କା ରୋଜଗାର କରୁଛି, ସେ ସେତେ ଅଧିକ ସଫଳ ଓ ମେଧାବୀ ବୋଲି ସମାଜ ବିଶ୍ୱାସ କରେ। ଆଜି କାଲି ଜଣେ ବ୍ୟକ୍ତି ନିଜର ମୂଲ୍ୟବୋଧ ଓ ଆଚରଣ ଦ୍ୱାରା ନୁହେଁ, ବରଂ ସେ ରୋଜଗାର କରୁଥିବା ଅର୍ଥ ଦ୍ୱାରା ବିଚାର କରାଯାଏ।

ଦ୍ୱିତୀୟ କାରଣ ହେଉଛି ପିତାମାତାଙ୍କ ମହତ୍ତ୍ୱାକାଂକ୍ଷା। ଆଜି ପ୍ରତ୍ୟେକ ପିତାମାତା ଚାହାଁନ୍ତି ଯେ ତାଙ୍କ ପିଲାମାନେ ଡାକ୍ତର ନହେଲେ ଇଞ୍ଜିନିୟର ହୁଅନ୍ତୁ । । ପିତାମାତାଙ୍କ ପାଇଁ ପିଲାମାନଙ୍କର ଆଗ୍ରହ, ସେମାନଙ୍କ ଆକାଂକ୍ଷା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅଭିଭାବକମାନେ ନିଜ ଦୃଷ୍ଟିକୋଣ ଅନୁଯାୟୀ ପିଲାଙ୍କ ଦିଗ ନିର୍ଦ୍ଧାରଣ କରନ୍ତି । ସେମାନେ କ'ଣ କରିବା ଉଚିତ୍ ଏବଂ କ'ଣ କରିବା ଉଚିତ ନୁହେଁ ତାହା ନିଜେ ପିତାମାତା ସ୍ଥିର କରନ୍ତି। ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କୁ ସ୍କୁଲ ସହ କୋଚିଂ ଇନଷ୍ଟିଚ୍ୟୁଟକୁ ପଠାନ୍ତି ।ଯଦିଓ ସମସ୍ତ ଅଭିଭାବକ ଫି' ପୈଠ କରିପାରନ୍ତି ନାହିଁ ତଥାପି ଋଣ ନେଇ ଫି ପୈଠ କରନ୍ତି। ଏହାବ୍ୟତୀତ କୋଚିଂ ଇନଷ୍ଟିଚ୍ୟୁଟ୍ ସମସ୍ୟାର ଏକ ପ୍ରମୁଖ କାରଣ। ପ୍ରତ୍ୟେକ ଗଳିକନ୍ଦିରେ କୁକୁର ମୁତିଲା ପରି ଖୋଲିଥିବା ଏହି କୋଚିଂ ଅନୁଷ୍ଠାନର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ କରିବା ନୁହେଁ, ବରଂ ଅଧିକରୁ ଅଧିକ ଟଙ୍କା ରୋଜଗାର କରିବା। କୋଚିଂ ଅନୁଷ୍ଠାନର ଏହି ମାନସିକତା ସେମାନଙ୍କ ସହ ଜଡ଼ିତ ଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ପ୍ରଭାବିତ କରିଥାଏ। କୋଚିଂ ଅନୁଷ୍ଠାନଗୁଡ଼ିକ ପିଲାଙ୍କ ଦକ୍ଷତା ଉପରେ ସମାନ ଧ୍ୟାନ ଦେବା ସହିତ ଏବଂ ସେମାନଙ୍କ ଦକ୍ଷତା ଅନୁଯାୟୀ ସେମାନଙ୍କୁ ଶିକ୍ଷା ଦେବା ଉଚିତ୍। ପାଠ୍ୟକ୍ରମ ଶେଷ କରିବା ଦୌଡ଼ରେ କୋଚିଂ ଇନଷ୍ଟିଚ୍ୟୁଟ୍ ଭୁଲି ଯାଆନ୍ତି ଯେ କିଛି ପିଲା ସମସ୍ତଙ୍କ ସହ ଦୌଡ଼ି ପାରନ୍ତି ନାହିଁ।

ଏଭଳି ଛାତ୍ରଛାତ୍ରୀଙ୍କ ମନରେ ଏକ ହୀନତା ଭାବନା ସୃଷ୍ଟି ହୁଏ, ଯାହା ସେମାନଙ୍କ ଉପରେ ଅଧିକ ଚାପ ପକାଏ। ସେମାନେ ଅନୁଭବ କରନ୍ତି ଯେ ସେମାନେ କିଛି କରିପାରିବେ ନାହିଁ । ପିତାମାତାଙ୍କ ଆଶା କୁ ପୁରଣ କରିବା ପାଇଁ ସେମାନେ ଅକ୍ଷମ। ମାତା ପିତାଙ୍କ ପଇସା ଖର୍ଚ୍ଚ ପାଇଁ ନିଜକୁ ଦୋଷୀ ମନେକରନ୍ତି। ଯେତେବେଳେ ଏହି ଦୋଷ ଚରମ ସୀମାରେ ପହଞ୍ଚେ, ସେମାନେ ଆତ୍ମହତ୍ୟା ଆଡକୁ ଆଗେଇ ଯାଆନ୍ତି । ସେହି ଦୁର୍ବଳ ମୁହୂର୍ତ୍ତରେ ସେମାନଙ୍କୁ ପରାମର୍ଶ ଦେବାକୁ କେହି ନଥାନ୍ତି। ଯିଏ ସେମାନଙ୍କୁ ବୁଝାଇବ ଯେ ଯଦି ସଫଳତା ମିଳୁ ନାହିଁ, ତେବେ ପୁନର୍ବାର ଚେଷ୍ଟା କର। କିମ୍ବା ଯଦି ତୁମେ ଭାବୁଛ ଯେ ଏହା ତୁମ ଦ୍ୱାରା ହେବ ନାହିଁ,, ତେବେ ଅନ୍ୟ କିଛି କରାଯାଇପାରିବ । ହତାଶା ଓ ନିରାଶା ସମୟରେ ପ୍ରିୟଜନଙ୍କ ସାନ୍ତ୍ୱନା ଦ୍ୱାରା ଅନେକ ଦୁଃଖ କମିଯାଏ। ମନୋବିଜ୍ଞାନ ଅନୁଯାୟୀ, ଯେତେବେଳେ କୌଣସି ବ୍ୟକ୍ତି ଦୁଃଖୀ କିମ୍ବା ନିରାଶ ହୋଇଥାଏ, ପିତା ମାତା ପ୍ରେମରେ ଆଲିଙ୍ଗନ କଲେ ଦୁଃଖ ଲାଘବ ହୁଏ।ସେଥିପାଇଁ କୁହାଯାଏ, ଖୁସି ବାଣ୍ଟିଲେ ଦୁଃଗୁଣିତ ଓ ଦୁଃଖ ବାଣ୍ଟି ଲେ ଦୁଃଖ ଲାଘବ ହୁଏ। ଯେଉଁ ପିଲାମାନେ ନିଜ ଘର ଠାରୁ ଦୂରରେ ଥିବା କୋଚିଂ ଇନଷ୍ଟିଚ୍ୟୁଟରେ ପାଠ ପଢୁଛନ୍ତି ସେମାନେ ନିରାଶା ସମୟରେ କାହାକୁ ଦେଖନ୍ତି ନାହିଁ, ତେଣୁ ସେମାନେ ନିରାଶାର ପରିସ୍ଥିତିରୁ ମୁକୁଳି ପାରୁନାହାନ୍ତି ।

ପ୍ରଥମେ ପିତାମାତାଙ୍କୁ ନିଜ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। କୋଚିଂ ଅନୁଷ୍ଠାନଗୁଡ଼ିକ ମଧ ସେମାନଙ୍କ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ଆଣିବା ଉଚିତ୍ । ବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଛି, ସେହି ଭଳି ଶିକ୍ଷା କୋଚିଂ ଅନୁଷ୍ଠାନରେ ମଧ ପଢ଼ାଯିବା ଦରକାର। କ୍ଲାସ୍ ସମୟ ମଧ ଏପରି ହେବା ଉଚିତ୍ ଯାହା ଦ୍ୱାରା ପିଲାମାନଙ୍କୁ ଶାରୀରିକ ଆରାମ ଦେବ। ଅଧିକାଂଶ କୋଚିଂ ଇନଷ୍ଟିଚ୍ୟୁଟରେ ୪ଟାରୁ ୮ଟା ପର୍ଯ୍ୟନ୍ତ ସମୟ ରହିଛି। ପ୍ରାୟ ଛାତ୍ରଛାତ୍ରୀ ସ୍କୁଲରୁ ୪ଟା ବେଳକୁ ଘରକୁ ଫେରନ୍ତି। ପହଞ୍ଚିବା ମାତ୍ରେ ସେମାନେ ଖାଦ୍ୟ ଖାଇ ବିଶ୍ରାମ ନନେଇ ଟ୍ୟୁସନ୍ କିମ୍ବା କୋଚିଂ ପାଇଁ ଦୌଡ଼ିଯାଆନ୍ତି। ଭୋର ରୁ ଉଠିଥିବା ପିଲା , ସ୍କୁଲରୁ ଫେରି ଥକିଯାଇଥିବେ ନିଶ୍ଚୟ। କୋଚିଂରେ କ'ଣ ବୁଝିବେ ? ଏବଂ ରାତି ନଅଟାରେ ଘରକୁ ଫେରିବା ପରେ କ'ଣ ପଢ଼ିବେ ? ଏକ ନିର୍ଦ୍ଦିଷ୍ଟ ସୀମା ପରେ ସମସ୍ତଙ୍କୁ ଶାରୀରିକ ବିଶ୍ରାମ ଦରକାର।

ପିତାମାତା ମାନେ ବୁଝିବା ଦରକାର ଯେ ପ୍ରତ୍ୟେକ ପିଲାର ନିଜର ସାମର୍ଥ୍ୟ ଅଛି, ତାର ଭିନ୍ନ ଭିନ୍ନ ପ୍ରତିଭା ଅଛି । ଅନ୍ୟର ମେଧାବୀ ସନ୍ତାନକୁ ଦେଖି ନିଜ ପିଲାକୁ ମୂଲ୍ୟହୀନ ଭାବିବା ତାଙ୍କୁ ଏହି ପ୍ରସଙ୍ଗରେ ଗାଳି ଗୁଲଜ କରିବା ଉଚିତ୍ ନୁହେଁ । ଆଜି କ୍ଲାସରେ ଦଶରୁ ଦଶ ନମ୍ବର ରଖିନଥିବା ପିଲା ଆସନ୍ତାକାଲି କିଛି କରିପାରିବେ ନାହିଁ ଏହା ଜରୁରୀ ନୁହେଁ । ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିଥିବା ଅନେକ ଲୋକ ପିଲାଦିନେ ମେଧାବୀ ନଥିଲେ। ଆଜି ଆଲବର୍ଟ ଆଇନଷ୍ଟାଇନ୍, ଚାର୍ଲସ ଡାର୍ୱିନ୍, ଥୋମାସ ଆଲଭା ଏଡିସନ୍ ଆଦି ବୈଜ୍ଞାନିକଙ୍କ ନାମ ଅତ୍ୟନ୍ତ ଗର୍ବର ସହ ନିଆଯାଉଥିବା ବେଳେ ପିଲାଦିନେ ସେମାନେ ଅତି ସାଧାରଣ ପିଲା ଥିଲେ। ପାଠପଢ଼ାରେ ମଧ ସେ ଭଲ ନଥିଲେ। ଅର୍ଥାତ୍ ସ୍କୁଲ ଜୀବନରେ ଫେଲ୍ ହୋଇଥିବା ବ୍ୟକ୍ତି ମଧ ନିଜ ଜୀବନରେ ପ୍ରଗତିର ଶୀର୍ଷରେ ପହଞ୍ଚିପାରେ। ତେଣୁ ଅଭିଭାବକମାନେ ଅନ୍ୟର ସଫଳ ସନ୍ତାନଙ୍କୁ ଦେଖି ନିଜ ପିଲାଙ୍କୁ ଅଣଦେଖା କରିବା ଉଚିତ ନୁହେଁ, ବରଂ ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଚିତ।

ନୟାଗଡ଼
ମୋ: ୯୪୩୭୬୪୨୯୪୭



## ଆଦିବାସୀ ଓ ମୂଳନିବାସୀ

### ଅଧ୍ୟାପକ ଗୋପବନ୍ଧୁ

ଆଦିବାସୀ ଓ ମୂଳନିବାସୀ ଶବ୍ଦକୁ ଅନେକେ ସମାନ ଅର୍ଥରେ ବ୍ୟବହାର କରନ୍ତି, ଯେହେତୁ ଉଭୟ ଶବ୍ଦର ଆକ୍ଷରିକ ଅର୍ଥ ସମାନ। 'ଆଦିମ' 'ଅଧିବାସୀ' ହେଉଛନ୍ତି ଆଦିବାସୀ। ଯେଉଁମାନେ ଆଦି କାଳରୁ ଗୋଟିଏ ଅଞ୍ଚଳରେ ବସବାସ କରି ଆସିଛନ୍ତି ସେମାନେ ହେଉଛନ୍ତି ଆଦିବାସୀ। ଇଂରାଜୀରେ ଏମାନଙ୍କୁ 'ଟ୍ରାଇବ' ବୋଲି କୁହାଯାଏ। ଓଡ଼ିଆରେ ସାଧାରଣ କଥନରେ ଏମାନଙ୍କୁ ଆଦିବାସୀ ବୋଲି କୁହଯାଉ ଥିଲେବି ସମ୍ବିଧାନରେ ଏମାନଙ୍କୁ ଭିନ୍ନଭାବେ ସୂଚୀବଦ୍ଧ କରାଯାଇଛି। ଯାହାକୁ ସମ୍ବିଧାନର ଭାଷାରେ ଅନୁସୂଚିତ ଜନଜାତି, ଇଂରାଜୀରେ ସିଡୁଲ୍ଡ ଟ୍ରାଇବ କୁହଯାଏ। ଏହାର ଅର୍ଥ କିଛି ଜନଜାତି ଅଛନ୍ତି ଯେଉଁମାନେ କୌଣସି କାରଣ ଯୋଗୁଁ ସୂଚୀବଦ୍ଧ ହୋଇପାରି ନାହାଁନ୍ତି। ବିଭିନ୍ନ ରାଜ୍ୟରେ ଶତାଧିକ ଜନଜାତି ରହିଯାଇଛନ୍ତି ଯେଉଁମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାର ସୁପାରିଶ କରୁଛନ୍ତି ଅନୁସୂଚିତ ଜନଜାତିର ଅନ୍ତର୍ଭୁକ୍ତ କରିବା ପାଇଁ। କାରଣ କେବଳ ଜନଜାତି ହେଲେ ସଂରକ୍ଷଣର ସୁବିଧା ସୁଯୋଗ ମିଳିବ ନାହିଁ। ଏହା ପାଇବା ପାଇଁ ଅନୁସୂଚିତ ଜନଜାତିର ମାନ୍ୟତା ପାଇବାକୁ ହେବ। ଏଥିପାଇଁ ସାମ୍ବିଧାନିକ ପ୍ରକ୍ରିୟା ରହିଛି।

ଅନ୍ୟ ପକ୍ଷରେ ମୂଳନିବାସୀର ଆକ୍ଷରିକ ଅର୍ଥ ହେଉଛି ମୂଳ ଅଧିବାସୀ। ଯେଉଁମାନେ ଗୋଟିଏ ଅଞ୍ଚଳରେ ମୂଳରୁ ବସବାସକରି ଆସିଛନ୍ତି, ସେମାନେ ହେଲେ ମୂଳନିବାସୀ। ଏହି ଦୃଷ୍ଟିରୁ ଆଦିବାସୀ ଓ ମୂଳନିବାସୀ ଏକାର୍ଥ ବୋଧକ ଶବ୍ଦ। ଏ ଦୁଇଟି ଶବ୍ଦ ବ୍ୟାବହାରିକ। ସମ୍ବିଧାନରେ ଉଭୟ ଶବ୍ଦର ବ୍ୟବହାର କରାଯାଇ ନାହିଁ। ସାଧାରଣ ଲୋକମାନେ ଓ ରାଜନୀତିଜ୍ଞମାନେ ଅନେକ ସମୟରେ ଅନୁସୂଚିତ ଜନଜାତି ସ୍ଥାନରେ ଆଦିବାସୀ ଶବ୍ଦର ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ମୂଳନିବାସୀ ଏକ ପ୍ରାଚୀନ ଶବ୍ଦ। ପୁରାଣ ଓ ବିଭିନ୍ନ ଶାସ୍ତ୍ରରେ ଏହାର ଉଲ୍ଲେଖ ରହିଛି। ଦେବତା ଦାନବ ଲଢେଇରେ, ଆର୍ଯ୍ୟ ଅନାର୍ଯ୍ୟ ଲଢେଇରେ ଏହାର ଉଲ୍ଲେଖ ରହିଛି। ଏମାନଙ୍କୁ ଅସୁର, ଦାନବ, ରାକ୍ଷସ ଇତ୍ୟାଦି ନାମରେ ସମ୍ବୋଧିତ କରାଯାଇଛି। ଏହି ଶବ୍ଦର ବହୁଳ ବ୍ୟବହାର ଅଳ୍ପ କେତୋଟି ଦଶକ ହେଲା ଆରମ୍ଭ ହୋଇଛି। ଏହା ଏବେ ରାଜନୈତିକ ରୂପ ନେଉଛି। ବିଶେଷକରି ବାମସେଫ୍ ସଂଗଠନ ଏହି ଶବ୍ଦର ବ୍ୟାପକ ବ୍ୟବହାର କରୁଛି। ଏହି ସଂଗଠନର ମୁଖ୍ୟ ୱାମନ ମେଶ୍ରାମ ଏହି ଶବ୍ଦକୁ ଲୋକପ୍ରିୟ କରିଛନ୍ତି। ମୂଳନିବାସୀ ଶବ୍ଦଟିକୁ ସେ 'ବହୁଜନ' ଶବ୍ଦର ବିକଳ୍ପ ଶବ୍ଦଭାବେ ବ୍ୟବହାର କରୁଛନ୍ତି। ରାଜନୈତିକ ଭାବେ ଉଭୟ ଶବ୍ଦର ଅର୍ଥ ସମାନ। ବହୁଜନ ଶବ୍ଦର ରାଜନୈତିକ ବ୍ୟବହାର ମୂଳନିବାସୀଙ୍କୁ ସୂଚୀତ କରିଥାଏ। ଏବେ ଅନ୍ୟ ରାଜନୈତିକ ଦଳମାନେ ମଧ ମୂଳନିବାସୀ ଶବ୍ଦର ବ୍ୟବହାର ଆରମ୍ଭ କଲେଣି। ରାଜନୀତି କ୍ଷେତ୍ରରେ ଏହି ଶବ୍ଦର ଗୁରୁତ୍ୱ କ୍ରମେ ବଢୁଛି।

ମୂଳନିବାସୀ ଶବ୍ଦ ବିଚାରକୁ ଆସିବା ବେଳେ ଏହାର ବିରୁଦ୍ଧ ଶବ୍ଦ ଅଣମୂଳନିବାସୀ ମଧ ବିଚାରକୁ ଆସେ। ଏହି ବିଚାରର ପ୍ରବକ୍ତାଙ୍କ ମତ ଯେ ଭାରତବର୍ଷରେ ସଂଖ୍ୟାଧିକ ଲୋକ ହେଉଛନ୍ତି ମୂଳନିବାସୀ ଓ ମୁଷ୍ଟିମେୟ ହେଉଛନ୍ତି ଅଣମୂଳନିବାସୀ। ଏମାନଙ୍କ ମତରେ ଭାରତବର୍ଷରେ ଯେଉଁମାନେ ନିଜକୁ ଆର୍ଯ୍ୟ ବୋଲି କହନ୍ତି ସେମାନେ ଭାରତବର୍ଷର ମୂଳ ବାସିନ୍ଦା ନୁହଁନ୍ତି। ଏମାନେ ଭାରତ ବାହାରୁ ଆସିଛନ୍ତି। ଏ ସମ୍ବନ୍ଧରେ ଇତିହାସ ପୁସ୍ତକରେ ପ୍ରାଞ୍ଜଳ ବର୍ଣ୍ଣନା ରହିଛି। ଏମାନେ ଦଳଦଳ ହୋଇ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଖାଇବର ଗିରିପଥ ଦେଇ ଭାରତବର୍ଷକୁ ପ୍ରବେଶ କରିଥିଲେ। ପର୍ଯ୍ୟାୟ କ୍ରମେ ଏମାନେ ସମଗ୍ର ଉତ୍ତରଭାରତକୁ ଦଖଲକରି ନେଇଥିଲେ ଓ ଏହି ଅଞ୍ଚଳର ମୂଳନିବାସୀମାନଙ୍କୁ ବିତାଡିତ କରିଥିଲେ। କେତେକଙ୍କୁ ବନ୍ଦୀକରି ଭୃତ୍ୟଭାବେ ନିଜ କାର୍ଯ୍ୟରେ ଲଗାଇଥିଲେ। ପରେ ଏହି ଅଞ୍ଚଳକୁ ଆର୍ଯ୍ୟାବର୍ତ୍ତ ନାମରେ ନାମିତ କରାଗଲା। ଏଇଠୁଁ ଆରମ୍ଭ ହୋଇଛି ମୂଳନିବାସୀ ଓ ଅଣମୂଳନିବାସୀ ବା ବିଦେଶୀ ଅବଧାରଣା।

ଏବେ ଏହି ଐତିହାସିକ ତତ୍ତ୍ୱକୁ ଖଣ୍ଡନ କରିବାର ଦେଖାଯାଉଛି ଓ କୁହାଯାଉଛି ଆର୍ଯ୍ୟମାନେ ଭାରତ ବାହାରୁ ଆସିନାହାଁନ୍ତି, ସେମାନେ ମଧ ଏ ଦେଶର ମୂଳବାସିନ୍ଦା ଅଟନ୍ତି। ଆର୍ଯ୍ୟର ଅର୍ଥ ସୁସଭ୍ୟ। ତେବେ ମୂଳନିବାସୀ ତତ୍ତ୍ୱର ସମର୍ଥକଙ୍କ ଯୁକ୍ତି ଯେ ଆର୍ଯ୍ୟମାନଙ୍କ ବହିରାଗତ ତତ୍ତ୍ୱ ତାଙ୍କ ପାଇଁ ବିପଦର କାରଣ ହୋଇଛି। କାରଣ ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କୁ ବହିରାଗତ କହିଲା ବେଳକୁ ଆର୍ଯ୍ୟ ବା ତଥାକଥିତ ଉଚ୍ଚ ଜାତିମାନେ ମଧ୍ୟ ବହିରାଗତ ବୋଲି ପ୍ରଶ୍ନ ଉତଥାପନ ହେଉଛି। ତେଣୁ ଏମାନେ ଇତିହାସକୁ ବଦଳାଇବାକୁ ଚାହାଁନ୍ତି। ଏକଥା ତାଙ୍କୁ ଜଣା ଯେ ଆଗାମୀ ଦିନରେ ଯଦି ଭାରତବର୍ଷରେ ସମ୍ପ୍ରଦାୟିକ ବିବାଦ ତୀବ୍ରତର ହୁଏ ତେବେ ଏଥିରେ ମୂଳନିବାସୀ ଓ ଅଣମୂଳନିବାସୀ ବିବାଦ ମଧ ଏକ ମୁଖ୍ୟ ଅଂଶ ହେବ। କାରଣ ମୂଳନିବାସୀ ବା ଅନାର୍ଯ୍ୟମାନେ ସଂଗଠିତ ହବା ଆରମ୍ଭ କରିଛନ୍ତି ଓ ଏହି ତତ୍ତ୍ୱ କ୍ଷୀପ୍ରଭାବେ ପ୍ରସାରଲାଭ କରୁଛି। କ୍ରମେ ଏହା ରାଜନୈତିକ ରୂପ ନେଉଛି। ମୂଳନିବାସୀ ତତ୍ତ୍ୱର ସମର୍ଥକଙ୍କ ମତରେ ଭାରତବର୍ଷରେ ଏମାନଙ୍କ ସଂଖ୍ୟା ଶତକଡା ୯୦ ଭାଗରୁ ଅଧିକ। ଦେଶର ସମସ୍ତ ଏସଟି, ଏସସି, ଓବିସି ଓ ପରିବର୍ତ୍ତୀତ ସଂଖ୍ୟାଲଘୁମାନେ ଏହାର ଅନ୍ତର୍ଗତ ଅଟନ୍ତି। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଦେଶରେ ଏସଟି ଓ ଏସସିଙ୍କ ସଂଖ୍ୟା ୨୫.୨%, ସଂଖ୍ୟାଲଘୁଙ୍କ ସଂଖ୍ୟା ୧୯.୩% ଏବଂ ୧୯୩୧ ମସିହା ଜନଗଣନା ଅନୁଯାୟୀ ଓବିସି ଙ୍କ ସଂଖ୍ୟା ୫୨%। ଏମାନଙ୍କ ସମୁଦାୟ ସଂଖ୍ୟା ହେଉଛି ୯୬.୫%। ଏ ବିଶାଳ ଜନସମୁଦାୟ ସମାନ ଅଧିକାରରୁ ବଞ୍ଚିତ ହୋଇ ଆସିଛନ୍ତି। ଏମାନେ ବିକାଶର ଦୌଡରେ ବହୁ ପଛରେ ପଡ଼ିଛନ୍ତି। ଅନେକ ସମୟରେ ଏମାନେ ଜାତିଗତ ହିଂସା ଓ ଜାତିଗତ ବାଛ ବିଚାରର ସମ୍ମୁଖୀନ ହୋଇ ଆସିଛନ୍ତି। ଜାତିଗତ କାରଣରୁ ଏମାନଙ୍କୁ ଆଗକୁ ବଢିବାକୁ ଦିଆଯାଇ ନାହିଁ। ଏପରି କ୍ଷେତ୍ରରେ ସମାଜର ତଳ ଜାତିମାନେ ସଂଗଠିତ ହୋଇ ସମାନ ଅଧିକାର ହାସଲ ପାଇଁ ଲଢିବା ଛଡା ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ। ତେଣୁ ମୂଳନିବାସୀ ଏକମାତ୍ର ତତ୍ତ୍ୱ ଯାହା ଦ୍ୱାରା ଏ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବନ୍ଧାଯିବା ପ୍ରୟାସ ହେଉଛି।

ଦେଶରେ ମୂଳନିବାସୀ ବିଚାରର କ୍ଷୀପ୍ର ପ୍ରସାର ପଶ୍ଚାତରେ ରହିଛି ବର୍ଣ୍ଣବ୍ୟବସ୍ଥା ଓ ଏହାକୁ ନେଇ ଗଢି ଉଠିଥିବା ଜାତିଗତ ବିଭେଦ। ମୂଳନିବାସୀ ତତ୍ତ୍ୱର ସମର୍ଥକମାନେ ଏକ ଜାତିରହିତ ସମତାଭିତ୍ତିକ ସମାଜ ଗଠନରେ ବିଶ୍ୱାସ କରନ୍ତି। ଏଥିପାଇଁ ଜାତି ସଂଘର୍ଷର ଆବଶ୍ୟକତା ରହିଛି। ଏହା ଏକ ପ୍ରକାର ବୌଦ୍ଧିକ ସଂଘର୍ଷ। ଯେଉଁ ସଂଘର୍ଷ ବାଟ କଢାଇବ ଜାତି ସତ୍ତାର ଧ୍ୱଂସସାଧନ ପାଇଁ। ମୂଳନିବାସୀମାନଙ୍କ ସମାନ ଅଧିକାର ଲଢେଇ, ଜାତିଗତ ଅତ୍ୟାଚାରରୁ ମୁକ୍ତିର ଲଢେଇ ତାଙ୍କୁ କ୍ଷମତା ଦଖଲ ଆଡକୁ ବାଟ କଢାଇବ। କ୍ଷମତା ବଳରେ ମୂଳନିବାସୀମାନେ ଜାତି ବ୍ୟବସ୍ଥାକୁ ଲୋପ କରିବେ ଏବଂ ସମତାଭିତ୍ତିକ, ପ୍ରଗତିଶୀଳ ଓ ବୌଦ୍ଧିକ ସମାଜ ଗଠନ କରିବାର ପ୍ରୟାସ କରିବେ। ତେଣୁ ମୂଳନିବାସୀ ତତ୍ତ୍ୱ ପଛରେ ମହତ ଉଦ୍ଦେଶ୍ୟ ମଧ ରହିଛି।

+ ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦




### ହୀନସ୍ଥା

**ବିନୟାନନ୍ଦ ବସ୍ତ୍ୟ**

ଏମିତି କିଏ ସେ
ସଂସାରେ ରହିଛି
କହିବ ମୁଁ ତୋ ପାଇଁ ଅଛି,
ଯିଏ କହୁଥିବ
ଅନ୍ତରେ ତାହାର
ସ୍ୱାର୍ଥ ନିଶ୍ଚିତ ରହିଛି,
ହୋଇପାରେ କାହିଁ ସତ,
ଯେଉଁଠାରେ ସତ ସେଠାରେ ନିଶ୍ଚୟ
ଦେବତାଙ୍କ ଆତଯାତ।

ଯେଝା କାମେ ଯିଏ
ବ୍ୟସ୍ତ ଏ ସଂସାରେ
ଅର୍ଥ ସ୍ୱାର୍ଥରେ ବଞ୍ଚନ୍ତି,
ମେ ହୁଁ ବୋଲି
କହିବା ଆଗରୁ
ଶହେଥର ଭାବଥାନ୍ତି,
କହନ୍ତି କରନ୍ତି ନାହିଁ,
କେତେ ବି ଅଛନ୍ତି କରିଥାନ୍ତି କିଛି
କଲେ ବି କହନ୍ତି ନାହିଁ।

କାହାକୁ ସାହସ ଦେବାପରି କଥା
କହିବାକୁ ଭାରି ଭିଡ଼,
ଦେବାକୁ ପଡିବ
ବୋଲି ଭାବି ମନେ ରହୁଥାନ୍ତି ହୋଇ
ଆଡ଼,
କାହାର ସାହାରା ନେଇ,
ବଞ୍ଚିବାକୁ ଯିଏ ଇଚ୍ଛା କରିଥାଏ ମରେ
ସେ ହୀନସ୍ଥା ହୋଇ।

ନିଆଳ ଖୋର୍ଦ୍ଧା
ମୋ: ୯୫୩୯୪ ୩୩୩୩୭

### ଜୀବନ ଗଣିତ

**କଳ୍ପନା ମିଶ୍ର**



ଜୀବନ ଗଣିତ ବହୁତ ଜଟିଳ
ଆରମ୍ଭ ରୁ ଶେଷ ଯାଏଁ
ହରଣ, ଗୁଣନ, ଫେଡ଼ାଣ, ମିଶାଣ
ଦିନରାତି କଷା ହୁଏ ।

ଯେତେ କଷିଲେ ବି ସମାଧାନ ନାହିଁ
ଅଛିଣ୍ଡା ହୁଅଇ ଅଙ୍କ
ସତ ହାରିଯାଏ ମିଛ ର ପାଖରେ
ରାଜା ହୋଇଯାଏ ରଙ୍କ ।

ସ୍ନେହ ପ୍ରେମ ସବୁ ଦୁର୍ମୂଲ୍ୟ ହୁଅଇ
ଆତ୍ମୀୟତା ହଜିଯାଏ
କପଟ, ଛଳନା, ମିଥ୍ୟାଚାର ଏଠି
ଅଭିସାର ରଚି ଥାଏ ।

ଅଧର୍ମୀ ଅନ୍ୟାୟୀ ଛାତିକୁ ଫୁଲାନ୍ତି
ଧାର୍ମିକ ବ୍ୟକ୍ତିଙ୍କ ଆଗେ
ସତ୍ୟ ବଳିପଡ଼େ ଛଳନା ପାଖରେ
ପାପାଚାର ଧାଏଁ ବେଗେ ।

ସବୁ ଭାଗଶେଷ ଶୂନ୍ୟ ହୋଇଯାଏ
ଜୀବନର ଅନ୍ତିମରେ
ଅଛିଣ୍ଡା ଗଣିତ ଛିଣ୍ଡି ଯାଏ ଶେଷେ
ପ୍ରଭୁଙ୍କର ଇଙ୍ଗିତରେ ।

ହାଟ ସରେ ନାହିଁ ବାଟ ସାରିଯାଏ
ମାଟିରେ ମିଶଇ ଦେହ
ଆଶା ନିରାଶା ର କରୁଣ ରାଗିଣୀ
ତୁଟିଯାଏ ସବୁ ମୋହ ।

ଧନ ଜନ ବଳ ପଛକୁ ରହଇ
ସାଥିରେ ଗୋଡାଏ କର୍ମ
ପୁଣ୍ୟ କରିଥିଲେ ଉଦ୍ଧାର ମିଳଇ
ବଳବାନ ଏକା ଧର୍ମ ।

ହରିପୁର,ସୁକିନ୍ଦା, ଜିଲ୍ଲା -
ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩

### ଆଖି ଆଇନାରେ ମୋ ମନ ମଇନା

**ନୂତନ କୁମାର ବେହେରା**



ଆଖି ଆଇନାରେ ମୋ ମନ ମଇନା
ନାଚେ ତାର ସୁନ୍ଦର ରୂପ ଲାବଣ୍ୟର ଛବି
ହୋଇ ଏକ ପ୍ରତିବିମ୍ବ କଲେ କଳ୍ପନା
ସପନରେ ମଜିଯାଏ ପାଲଟି ଯାଏ ମୁଁ ମୂରତି
ଭବ ସାଗରର ଉର୍ମିମାଳା ଅସୁମାରୀ
ଆସେ ମନର ଭାବ ଭାବନାରେ
ଏକ ଲୟେ ଧ୍ୟାନସ୍ଥ ହୁଏ ମୋ ଚେତନା
ଆଶାର ସୌଧ ଗଢ଼େ ହୃଦୟର ବେଳାଭୂମିରେ
ସ୍ୱାଗତେ ତାର ଜଣାଏଁ ପ୍ରେମର ଅଭ୍ୟର୍ଥନା
ଭଲ କିଛି ଲାଗେନା ତା ବିନା
ନିଜକୁ ବୁଝାଇ ସ୍ଥିର ହୋଇ ରହି ପାରେନା
ଆଖି ଆଇନାରେ ମୋ ମନ ମଇନା
ଆସେ ସେ ଛପି ଛପି କଥା କହେ ଚୁପି ଚୁପି
ଆକର୍ଷି ନିଏ ମୋତେ ଦିଏ ପ୍ରେରଣା
ପ୍ରାଣରୁ ପ୍ରବାହିତ ହୋଇ ଝରେ ପ୍ରୀତିର ଝରଣା
ତନୁଲତାରେ ତାର ଝଲସୁଥାଏ
ଆନନ୍ଦ ଉଲ୍ଲାସର ବହୁ ମୂଲ୍ୟ ସୁନ୍ଦର ଗହଣା
ରୂପ ଅବା ଗୁଣ କିଛିରେ ତ ନଥାଏ ଊଣା
ହଜିଯାଏ ମୋ ଲକ୍ଷ୍ୟର ନିର୍ଦ୍ଧାରିତ ଠିକଣା
ଭାବେ ବିହ୍ୱଳ ହୋଇ ଦେଖେ ସବୁଜ ସମ୍ଭାବନା
ପୁନେଇଁ ରାତିରର ରୂପେଲି ଜହ୍ନ ହୋଇ
ଢ଼ାଳିଦିଏ ସେ ପ୍ରଣୟର ମଧୁବୋଳା ଜୋଛନା
ଖୁସିର ଫୁଲରେ ଭରିଯାଏ ମୋ ଘର ଅଗଣା
ଆଖି ଆଇନାରେ ମୋ ମନ ମଇନା
ସପନ ବିଳାସୀ ପ୍ରଜାପତି ହୋଇ ଯାଏଁ ମୁଁ ଉଡ଼ି
ପ୍ରେମର ମଧୁ ମହକେ ଜାଗେ ଉନ୍ମାଦନା
ଅଙ୍ଗେ ଖେଳିଯାଏ ବିଜୁଳିର ତରଙ୍ଗ
ଦେହ ଦହେ ବିରହରେ ବିଚ୍ଛେଦର କାମନା
କୂଳ ଉଛୁଳି ବହେ ଜୀବନ ଯମୁନା
ପ୍ରେମର ମନ୍ଦିରରେ କରେ ମୁଁ ଆରାଧନା
ଭଲପାଇ ମନ ମଇନାକୁ ଜଣାଏଁ ମନ ବେଦନା
ମୋ ଜୀବନ ସାଥୀ ରୂପରେ ପାଇଲେ ତାକୁ
ପୂର୍ଣ୍ଣହେବ ଯେତେ ଇପ୍ସିତ ମନସ୍କାମନା
କରିଛ ମୁଁ ସଂକଳ୍ପ ଦେବାକୁ ପ୍ରେମର ପାଉଣା
ଆଖି ଆଇନାରେ ମୋ ମନ ମଇନା।

କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨



# ଫୁଲଝରି









## ଖୋଜିବ ଯେମିତି ପାଇବ ସେମିତି

**ସୁବ୍ରତ ମଲିକ**

ସେତେବେଳେ ବ୍ରହ୍ମ ଦେଶ ନାମକ ରାଜ୍ୟଟିଏ ଥିଲା , ଯାହାକୁ ଶାସନ କରୁଥିଲେ ରାଜା ରବୀନ୍ଦ୍ର ଦେବ । ଧନ ଧାନ୍ୟ ଓ ସୁଖ ସମୃଦ୍ଧିରେ ରାଜ୍ୟଟି ପରିପୂର୍ଣ୍ଣ ଥିଲା । ପ୍ରଜାମାନେ ଶାନ୍ତିରେ ବସବାସ କରୁଥିଲେ । ରାଜା କିନ୍ତୁ କିଛି ଦିନ ଧରି ନିଜ ଜୀବନର କିଛି ନା କିଛି ଦୋଷ ତ୍ରୁଟି ବାହାର କରୁଥିଲେ ଓ ସେହି କାରଣରୁ ଚିନ୍ତିତ ରହୁଥିଲେ ।

ବହୁ ଦିନ ପରେ ସେହି ରାଜ୍ୟକୁ ରାଜ୍ୟର ରାଜଗୁରୁ ହିମାଳୟରୁ ତପସ୍ୟା ସାରି ନିଜ କୁଟୀରକୁ ଫେରି ଆସିଥିବାର ଖବର ରାଜା ଜାଣିବାକୁ ପାଇଲେ । ସେ କାଳ ବିଳମ୍ବ ନ କରି ରାଜଗୁରୁଙ୍କ ନିକଟକୁ ଦୂତ ଦ୍ୱାରା ରାଜଉଆସକୁ ଆସିବାକୁ ନିମନ୍ତ୍ରଣ କଲେ । ରାଜଗୁରୁ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ରାଜ ଉଆସରେ ପହଞ୍ଚିଗଲା ପରେ ରାଜା ତାଙ୍କୁ ନିଜର ସମସ୍ୟା ଜଣାଇଲେ ।

ରାଜାଙ୍କ ସମସ୍ୟାକୁ ଶୁଣି ରାଜଗୁରୁ ରାଜାଙ୍କୁ ରାଜବଗିଚାକୁ ସଙ୍ଗେ ସଙ୍ଗେ ନେଇଗଲେ ଓ ଗୋଲାପ ଫୁଲ ଗଛ କେଉଁଠି ଅଛି ବୋଲି ପ୍ରଶ୍ନ କଲେ । ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗୀ ଫୁଲଗଛରେ ଭର୍ତ୍ତି ରାଜବଗିଚାଟି ସାଧବ ବହୂଟେ ପରି ଦେଖା ଯାଉଥିଲା । ରାଜା ଚାରିଆଡେ ନଜର ବୁଲାଇ ଆଣି ଗୋଲାପ ଗଛ ଲାଗିଥିବା ସ୍ଥାନକୁ ରାଜଗୁରୁଙ୍କୁ ନେଇଗଲେ । ଏହିପରି ଭାବରେ ରାଜଗୁରୁ ଗୋଟିଏ ଗୋଟିଏ କରି ଭିନ୍ନ ଭିନ୍ନ ଫୁଲ ଗଛର ନାମ ନେଇ ତାହା କେଉଁଠି ଅଛି ବୋଲି ପ୍ରଶ୍ନ କରୁଥିଲେ ଓ ରାଜା ସେହି ଗଛ ନିକଟକୁ ରାଜଗୁରୁଙ୍କୁ ନେଇ ଯାଉଥିଲେ ।

ଏହିପରି କିଛି ସମୟ ଗଲା ପରେ ରାଜା ରାଜଗୁରୁଙ୍କୁ ଏପରି କରିବାର କାରଣ ପଚାରିଲେ । ଉତ୍ତର ଦେବାକୁ ଯାଇ ରାଜଗୁରୁ କହିଲେ , '' ବଗିଚାରେ ଅନେକ ପ୍ରକାରର ଫୁଲ ଗଛ ଥିଲେ ମଧ୍ୟ ମୁଁ ଯେତେବେଳେ ତୁମକୁ ଏକ ନିର୍ଦ୍ଦିଷ୍ଟ ଫୁଲ ଗଛ କେଉଁଠି ଅଛି ବୋଲି କହୁଥିଲି , ତୁମେ ସେହି ଫୁଲ ଗଛକୁ ଖୋଜି ମୋତେ ସେଠାକୁ ନେଇଯାଉଥିଲ । ଏ ଦୁନିଆଟି ମଧ୍ୟ ଠିକ ସେମିତି । ଆମେ ଯାହା ଖୋଜିବା , ତାହା ହିଁ ପାଇବା । ତୁମ ନୀତି ଓ କାର୍ଯ୍ୟ ପାଇଁ ପ୍ରଜାମାନେ ଖୁବ ଆନନ୍ଦରେ ଅଛନ୍ତି । ରାଜ୍ୟରେ ଧର୍ମ , ସତ୍ୟ, ନ୍ୟାୟର ଶାସନ ଚାଲିଅଛି । ତେଣୁ ତୁମ ଦ୍ୱାରା ହେଉଥିବା ଭଲ କାର୍ଯ୍ୟକୁ ସବୁବେଳେ ଗୁରୁତ୍ୱ ଦିଅ । ଜୀବନରେ ଘଟୁଥିବା ଛୋଟ ବଡ଼ ନକରାତ୍ମକ ଘଟଣାରେ ଚିନ୍ତିତ ନ ହୋଇ ରାଜକାର୍ଯ୍ୟ କରିଚାଲ ।'



ରାଜା ରାଜଗୁରୁଙ୍କ ପରାମର୍ଶ ଶୁଣି ଖୁସି ହେଲେ ଓ ଏଥିପାଇଁ ଧନ୍ୟବାଦ ଦେଲେ । ତାଙ୍କ ମୁଖମଣ୍ଡଳକୁ ବହୁଦିନ ଧରି ହଜିଯାଇଥିବା ପ୍ରସନ୍ନତା ପୁଣି ଲେଉଟି ଆସିଲା । ରାଜଗୁରୁଙ୍କ ପ୍ରସ୍ଥାନର ବ୍ୟବସ୍ଥା କରି ରାଜା ପୂର୍ବ ପରି ସାଧାରଣ ଜୀବନଯାପନ କଲେ ଓ ରାଜକାର୍ଯ୍ୟରେ ମନ ଦେଲେ ।

+କୋରୁଆ , ଅସୁରାଳି ,
ଭଦ୍ରକ
ମୋ: ୭୦୦୮୩୧୫୯୧୬



**ନଗେନ୍ଦ୍ର ନାଥ ପଟ୍ଟନାୟକ**

## ଆଦିମାନବ



'ମା' ଆମ ପୂର୍ବପୁରୁଷ କ'ଣ ମଣିଷ ଥିଲେ ?' ସ୍କୁଲର ଫେରିଆସି ବସ୍ତାନିଟି ଘରର ଗୋଟେ କୋଣକୁ ଫିଙ୍ଗିଦେଇ ନିତିନ ସହସା ପଚାରିଲା ।

'ହଁ, କିନ୍ତୁ ତୁ ଏ ପ୍ରଶ୍ନ ପଚାରୁଚୁ କାଇଁକି ?'

- 'ଆଜି ଆମ ସ୍କୁଲର ଗୁରୁଜୀ କହିଲେ ।'

'ଗୁରୁଜୀ ଆଉ କଣ କହିଲେ ?'

-ହଜାର ବର୍ଷ ଆଗରୁ ମଣିଷ ଜଙ୍ଗଲରେ ରହୁଥିଲା । ଜଙ୍ଗଲୀ ଜୀବଜନ୍ତୁଙ୍କୁ ଶିକାର କରି ସେମାନଙ୍କ କଂଚା ମାସ ଆହାର କରୁଥିଲା । ସେମାନଙ୍କ ଘର ଆମ ଉଆସ ଭଳି ନ ଥିଲା । ସେମାନେ ଲୁଗାପଟା ପିନ୍ଧିବା ଜାଣିନଥିଲେ ।

- ଏକଦମ୍ ଠିକ କଥା କହିଚନ୍ତି ଗୁରୁଜୀ, ଏଇଲେ ଚାଲ କ'ଣ ଗଣ୍ଡେ ଖାଇଦେବୁ । ଏତକ କହି ମା' ତା' ପାଇଁ ଖାଇବା ବାଢିଦେଲେ ।

ଥାଳିରେ ନିତିନ ମନମାଫିକ ନାନା କିସମର ଖାଇବା ବଢା ଯାଇଥିଲା । ଭାତ ସବୁଜ ପନିପରିବାରେ ତିଆରି ସାଦା ତରକାରି, ଆଳୁ ପୋଟଳ କଷା, କ୍ଷୀରି ଆଉ କେତେ କଣ ସୁଆଦିଆ ଖାଦ୍ୟ । ନିତିନ କହିଲା -ମା' ସେ ଲୋକ କଣ ଏଇଆ ଭୋଜନ କରୁଥିଲେ ?



- ପୁଅ, ସେ କିଏ ?

- ଆରେ ସେଇ ଆଦିମାନବ । ଆରେ ତୁ କ'ଣ ସେଇଠି ଅଟକିଯାଇଚୁ ଏପର୍ଯ୍ୟନ୍ତ ! ବହୁବର୍ଷ ତଳେ ଯେତେବେଳେ ମଣିଷ ଧରଣୀ ମା' କୋଳରେ ପାଦ ଥାପିଲା ସମାଜ ଓ ସଭ୍ୟତାଠୁ ଯୋଜନ ଯୋଜନ ଦୂରରେ ଥିଲା । ଜନ୍ତୁଜୁନ୍ତାଙ୍କୁ ଶିକାର କରି ସେମାନଙ୍କ କଂଚାମାଂସ ଆହାର କରୁଥିଲା । ଛାଲ ଚମଡା ପରିଧାନ କରୁଥିଲା । ପରବର୍ତ୍ତୀ କାଳରେ ପଥରରେ ପଥର ଖସି ରଗଡି ନିଆଁ ବାହାର କରିବା ଶିଖିଲା ଏବଂ ସେଥିରେ ମାଂସ ଶିଝେଇ ଖାଇଲା । ସେ ଗୁମ୍ଫାରେ ରହୁଥିଲା । ମା ବୁଝାଇ କହିଲେ ।

-ଆଛା ମା', ଗୁରୁଜୀ କହୁଥିଲେ ସେମାନଙ୍କର କୁଆଡେ ଲାଂଜ ଥିଲା । ଏକଥା କଣ ସତ ?

-ହଁ , ମୁଁ ବି ସେକଥା କାନ ଉଠିଲା ଦିନୁ ଶୁଣିଚି ।

-ସେମାନେ ତ ଆମର ପୂର୍ବପୁରୁଷ ଥିଲେ, ହେଲେ ଆମର କାଇଁକି ଲାଂଜ ନାଇଁ ? ନିତିନ ପଚାରିଲା ।

ବହୁତ ଗୁଡେ କଥା କହୁଚୁ. . . . ମନୁଷ୍ୟ ସଭ୍ୟତା ଯେତିକି ଯେତିକି ଆଗକୁ ବଢିଲା ଶ ର ୀ ର ର ଅନାବଶ୍ୟକ ଚିଜସବୁ ଆମଠୁ ଦୂରେଇ ଗଲା । ମା' ଶୁଣାଇଲେ । ନିତିନ ମା'ର ନଜର ଆଢୁଆଳରେ ରହି ତା' ପଛରେ ହାତ ବୁଲାଇଲା । କାଇଁ କୋଉଠି ତ ଲାଂଜ ନାଇଁ ? ଲାଂଜ ନପାଇ ସେ ଖୁସିରେ କୁରୁଳି ଉଠିଲା । ମା' ଟିକେ ଆଗକୁ ମାଡିଯାଇ କହିଲେ -ଦେଖ ସେ ଆଦିମାନବ । ଏବେ କୋଉଆଡୁ ଆସି ପହଁଚିଗଲାଣି । ସେ ଜହ୍ନମାମୁକୁ ଛୁଇଁଦେଲା । ଖାଇବାରେ ମଜା ଆସିଗଲା । ଖିରି ଏକଦମ୍ ଫାଷ୍ଟକ୍ଲାସ । ନିତିନ ଖାଇବାରେ ଭରପୂର ଆନନ୍ଦ ଉପଭୋଗ କଲା । ଭୋଜନ କରିସାରି ଟିକେ ଆରାମ କର ଏବଂ ଘରପାଠ କରି ଜଲଦି ସାରିଦେ । ମା' କହିଲେ । ଖୁବ୍ ହାଲିଆ ହୋଇ ନିତିନ ବେଗାବେଗି ନିଦ ମାଉସୀ କୋଳରେ ଗାଢ ନିଦରେ ଆଖିବୁଜି ଶୋଇପଡିଲା । ସୁନେଲି ସପନର ଦୁନିଆରେ ସେ ହଜିଗଲା । ମହାଶୂନ୍ୟରୁ ଓହ୍ଲାଇ ଆସି ସେ ଆଦିମାନବଙ୍କ ନିକଟରେ ପହଁଚିଲା । ସେମାନେ ନିତିନକୁ ଘେରିଗଲେ । ନିତିନ ଆଖି ପୂରେଇ ଦେଖିଲା ସେମାନଙ୍କ ଦେହ ଆଉ ମୁଣ୍ଡରେ ବିରାଟ ଲମ୍ବା ଲମ୍ବା ଆଲୁଳାୟିତ କେଶଗୁଛ ସବୁ ଓହଳିଚି । ସେମାନେ ଜୀବଜନ୍ତୁଙ୍କ ଚମଡା ଆଉ ଗଛର ପତ୍ରଗୁଡିକୁ ଅଂଟାରେ ଓହଳାଇ ପିନ୍ଧିଛନ୍ତି । ନିତିନକୁ ଦେଖି ସେମାନେ ତା' ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ନିତିନ ଯେ ସେମାନଙ୍କ ବିକଶିତ ଦୁନିଆର ସ୍ୱରୂପ ଏକଥା ସେମାନେ ଜାଣିପାରିଲେ ନାଇ । ନିତିନ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲା, ହେଲେ ପେଟରୁ ଶବ୍ଦ ଆସି ତଂଟିରେ ଲାଖିଗଲା । ନିତିନ ଘାବୁରେଇ ଯାଇ ଚିଲେଇଲା -ମା', ତା ଆଖିଯୋଡିକ ଖୋଲିଗଲା । ଦେହସାରା ଝାଳରେ ଜୁଡୁବୁଡୁ । ମା'ଧାଇଁଆସି ନିତନକୁ କୋଳକୁ ଟାଣିନେଲେ ।

+ଓସ୍କାର ସିଟି, ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଧନ୍ୟ ମାଆ ଧନ୍ୟ ପୁଅ

**କୀର୍ତ୍ତନ ସାହୁ**



କବାଟକୁ ଠକ ଠକ କରି କହେ
ଦିଅ ମୋତେ କିଛି ଦିଅ
କିଏ ଅଛ ଘରେ ବାହାରକୁ ଆସି
ମୋ କଥାକୁ ବୁଝି ନିଅ ।

କବାଟ ଖୋଲିକି ମୁନା ବାପା ଆସି
ପଚାରିଲେ ତାର କଥା
ଗୋଟି ଗୋଟି କରି ଅସୁବିଧା କଥା
କହି ଗଲା ଯହିଁ ଯଥା ।

ପିଲାଟି କହିଲା ଯାହା ଦେବ ଦିଅ
କାମ ମୁହିଁ କରି ଦେବି
ପଇସା ଦେଲେ ପା ମାଆ ପାଇଁ ମୋର
ଓଉଷଧ କିଣି ନେବି ।

ଏତେ ଛୋଟ ପିଲା କି କାମ କରିବ
ବୟସ ତା ହୋଇ ନାହିଁ
ସେଇ ସମୟରେ ମୁନା ପହଞ୍ଚିଲା
ରହିଥିଲା ସିଏ କାହିଁ ।

ପଚାରି ବୁଝିଲା ଏଇ ପିଲାଟିର
ହୋଇ ଅଛି ଅସୁବିଧା
ଅଳି କଲା ବାପା ସାହା ହୁଅ ତାକୁ
ନ ରଖି କିଛି ବି ଦ୍ୱିଧା ।

ପିଲାଟିକୁ ଧରି ଡାକ୍ତରଙ୍କ ସାଥେ
ଗଲେ ବାପା ତାଙ୍କ ଘର
ଡାକ୍ତର ଦେଖାଇ ଓଉଷଧ ଦେଲେ
ନ ଭାବି ଟିକେ ବି ପର ।

ଭଲ ହେଲା ପରେ ମାଆ ସାଥେ ପିଲା
ପହଞ୍ଚିଲା ମୁନା ଘର
ବାପାଙ୍କୁ ପ୍ରଣାମୀ କୃତ୍ୟ କୃତ୍ୟ ହେଲେ
ଥିଲା ଟିକେ ମନେ ଡର ।

ମୁନା ବାପା ଖୁସି ହୋଇ କହୁଥିଲେ
ଧନ୍ୟ ମାଆ ଧନ୍ୟ ପୁଅ
ପିଲାକୁ କହିଲେ ଯାଅ ମାଆ ସାଥେ
ଭଲ ମଣିଷଟେ ହୁଅ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### କବିତା
ତୁମ ପାଇଁ

## କୁନାକୁନି ପାଇଁ ସକାଳ ଗୀତ

**ନିରଞ୍ଜନ ସାହୁ**

ରାତି ପାହିଗଲା ସକାଳ ହେଲା
ଅନ୍ଧକାର ସବୁ ଦୂରେଇ ଦେଲା ।

କୁଆଁତାରା ଧୀରେ ମଉଳି ଗଲା
ଧୀରେ ଦଶ ଦିଗ ଫରଚା କଲା ।

ପୁରୁବେ ସିନ୍ଦୁରା ଦିଶିଲା ନାଲା
ଉଦେ ହେଲେ ଦିନ କରିବା ବାଲା ।

ସୁଲୁସୁଲୁ ବାଆ ପତର ହଲା
ବାହାରେ ବୁଲିବା ଉଚିତ ଭଲା ।

ବ୍ୟାୟାମ କରନ୍ତି ବୁଢ଼ାଠୁଁ ପିଲା
ଛୋଟ ପିଲାଟିର ପ୍ୟାଣ୍ଟ ଢ଼ିଲା ।

ଚଗୁଲୁ ନିତ୍ୟକର୍ମକୁ କଲା
ପାଠ ପଢିବାକୁ ଟ୍ୟୁସନ ଗଲା ।

ମୁନିର ହାତରେ ଉଖୁଡା ଡାଲା
ମୁନା ଖାଇବାକୁ ଝଗଡା କଲା ।

ମୁନା ଖାଉଅଛି ଯେ ରସଗୋଲା
ରାଣୀ ପାଣି ପିଏ ଧରିକି ଠୋଲା ।

ପେଚା ରହେ ଗଛ ହୋଇଛି ପୋଲା
ରାଜୁଟା ସର୍ବଦା ଯେ ପର ବୋଲା ।

ମନ୍ଦିରରୁ ନନା ଫିଟାନ୍ତି ତାଲା
ଅଜାଙ୍କୁ ନ ଶୁଭେ ହେଲେଣି କାଲା ।

ଖେଳୁଛନ୍ତି ପିଲେ ଯେ ଠେଲାପେଲା
ବଗିଚା ଦୁଆର ହୋଇଛି ମେଲା ।

କାଉ, ବଣି ବୁଲି ରାବ ଯେ ଦେଲେ
ଚାଷୀ ଭାଇ ହଳ ବିଲକୁ ନେଲେ ।

ମାଆ ଲିପୁଅଛି ଘରର ଚୂଲା
କାନ୍ଦୁରା ପିଲାଙ୍କୁ ଦୋଳିରେ ଝୁଲା ।

ଆଈମା ' ଦାଣ୍ଡରେ ପିଲାକୁ ବୁଲା
ତାହାର ମନକୁ ଟିକିଏ ଭୁଲା ।

ସକାଳୁ ଖାଇବ ଗଜାମୁଗ , ସୋଲା
ଫୁଲ ଫୁଟିଅଛି ଥୋଲାକୁ ଥୋଲା ।

ସକାଳ କବିତା କେମିତି ହେଲା
ବୁଝିପାରିବ ଯେ ମନକୁ ଦେଲା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩



## ଝୁମୁରୁ ଝାଇଁ....

**ରାମଚନ୍ଦ୍ର ବେହେରା**

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଶରତ ପରଶେ ହସୁଛି ମହୀ
ବରଷା ବାଦଲ ଗଲେ ଦୂରେଇ
ନୀଳ ଗଗନରେ ଶଶୀ ହସଇ ।

ଭୋଦୁଅ ଅଶିଣ ଦୁଇଟି ମାସ
ପୂଜା ପାରବଣେ ହସଇ ଦେଶ
ଭାଦ୍ରବରେ ଆସେ ଖୁଦୁରୁକୁଣୀ
ଅତ୍ୟନ୍ତ ପବିତ୍ର ଗୋକୁଳାଷ୍ଟମୀ
ବୁଧିବାମନଂକ ମହାନ ବ୍ରତ
ମହିଳା ପୂଜନ୍ତି ହୋଇ ଏକତ୍ର ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଗଣେଷ ଚତୁର୍ଥୀ ଆସୁଛି ଧାଇଁ
ନୂଆ ବସ୍ତ୍ର ପିନ୍ଧି ଭଉଣୀ ଭାଇ
ପୂଜିବେ ପ୍ରଭୁଂକୁ ହରଷ ହୋଇ ।

ବିଶ୍ୱକର୍ମା ପୂଜା ଆସୁଛି ଧୀରେ
ଦୁର୍ଗାପୂଜା ହେବ ସାରା ଦେଶରେ
କୁଆଁର ପୁନେଇଁ ଆସିବ ହସି
କୁଆଁରୀଂକ ମନେ ବାଣ୍ଟିବ ଖୁସି
ଦଶରା ଆସିବ ଶୁକ୍ଳ ଅଶିଣେ
ଗଜଲକ୍ଷ୍ମୀ ପୂଜା କରିବେ ଜନେ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଗହିର ବିଲରେ ଧାନ ହସଇ
ଜଳାଶୟେ ହସେ ସୁନ୍ଦରୀ କଇଁ
କାଶତଣ୍ଡୀ ଶୋଭା ମନ କିଣଇ
ଚଉଦିଗ ନିରିମଳ ଦିଶଇ
ହର୍ଷ ଉଲ୍ଲାସରେ ଦିନ ବିତଇ
ପର୍ବର ପସରା ଶରତ ନେଇ
ସାରା ଜଗତକୁ ଖୁସି ବାଣ୍ଟଇ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## କହିଲ ଦେଖି ....

**ସୁନୀଲ କୁମାର ପ୍ରଧାନ**

ଆକାର ତାହାର ବହୁତ ସାନ
କୃଷକର ଗଣ୍ଠିଧନ
ତାକୁ ବିକି ଆମେ ଅରଜୁ ଧନ
କୁହ କୁହ ତାର ନାମ ।
ଉତ୍ତର - ଧାନ

ଦେଶକୁ ଯୋଗାଏ ସେପରା ଦାନା
ମଣିଷ ଭିତରେ ଗଣା
ତା ପାଇଁ ପେଟରେ ନ ପଡେ କନା
କୁହ ତାର ନାମ ସିନା ।
ଉତ୍ତର - କୃଷକ

ଗୋମାତା ମଳରୁ ହୁଏ ତିଆର
ଜମିକୁ ଆମର କରେ ଉର୍ବର
ବିଜ୍ଞାନ କହଇ ଜୈବସାର
କିଏ କହିବ ନାମଟି ତାର ।
ଉତ୍ତର - ଖତ

ପ୍ରଭୁ ବଳରାମ ହାତରେ ବିଜେ
କୃଷକ ଭାଇର ସାଥି ସେ ସାଜେ
ମାଟିକୁ ଆମର ଦିଏ ଉପାଡ଼ି
ଦିଅ ତାହାର ନାମକୁ ଯୋଡ଼ି ।
ଉତ୍ତର - ଲଙ୍ଗଳ

+ ଝାଟିପଦର ,ପାଲୁର,ଗଞ୍ଜାମ
ମୋ- ୭୬୦୯୯୩୪୩୬୬

## ହାତୀ ମଉସାର ଦୁଃଖ

**ହରେରାମ ପଣ୍ଡା**

ହାତୀ ମଉସା , ହାତୀ ମଉସା ,
କାହିଁକି ମନରେ ଦୁଃଖ ?
ବଣକୁ ଛାଡ଼ି ଗାଆଁ ଭିତରେ
ବୁଲି ପାଉଛ କି ସୁଖ ?

ଭାଙ୍ଗୁଛ ଘର ଖାଉଛ କ୍ଷେତ
କରୁଅଛ କେତେ କ୍ଷତି ,
ଆମକୁ ଏତେ ହତାଶ କରି
ମନେ କି ପାଉଛ ଶାନ୍ତି ?

ବିଜୁଳି ତାର ଦେହରେ ବାଜି
ଯାଉଛି ତୁମ ଜୀବନ ,
ରେଳ ଗାଡ଼ିର ଧକ୍କାରେ ତୁମେ
ହରେଇ ଦେଉଛ ପ୍ରାଣ ।

ହାତୀ କହୁଛି , ' ଶୁଣରେ ପିଲେ ,
କାହାକୁ କହିବି ଦୁଃଖ ?
କିଏ ବୁଝିବ ଆମ କଷଣ
ଆମରି ମନର ଭୋକ ?

ମଣିଷମାନେ କାଟିଲେ ଗଛ
ଜଙ୍ଗଲ କଲେ ବିନାଶ ,
ଗଢି ଉଠିଲା ପ୍ରାସାଦ କେତେ
ଦେଶର ହେଲା ବିକାଶ ।

ବାସ ହରେଇ ଖୋଜି ବୁଲିଲୁ
ରହିବାକୁ ଟିକେ ସ୍ଥାନ,
ଆମରି ପରି କେତେ ଯେ ଜନ୍ତୁ
ହୋଇଗଲେ ବାସହୀନ ।

ଘୁରି ବୁଲୁଛୁ ଗାଆଁ ସହର
ଖୋଜିବା ସକାଶେ ବାସ,
ପଶିଲୁ ତୁମ କ୍ଷେତ ଭିତରେ
କେଉଁଠି ରହିଲା ଦୋଷ ?

ତୁମେ ତ ଆମ ଆଶା ଭରସା
ବୁଝିବ ଆମର ଦୁଃଖ ,
ଗଢିବ ତୁମେ ନୂଆ ଜଙ୍ଗଲ
ଆମକୁ ମିଳିବ ସୁଖ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଛକ , ଯାଜପୁର
ମୋ:୯୪୩୮୦୬୫୧୯୫



# ପିଭିଟିଜି ଭୋଟରଙ୍କୁ ସଚେତନ କରିବା ନେଇ ମୁଦୁଲିପଡା ଓ ଅଣ୍ଡରାହାଲରେ ସ୍ୱତନ୍ତ୍ର ଶିବିର: ଶିବିରରେ ସଂଗ୍ରହ ହେଲା ୨୧୪ ଫର୍ମ

ମାଲକାନଗିରି, ୦୮/୦୯ (ନି.ପ୍ର): ଭୋଟର ସଚେତନତା (ସ୍ୱିପ୍) କାର୍ଯ୍ୟକ୍ରମ ଅଧିନରେ ପିଭିଟିଜି ଯୁବଗୋଷ୍ଠୀଙ୍କୁ ସଚେତନ କରିବା ନେଇ ଖଇରପୁଟ ବ୍ଲକ ମୁଦୁଲିପଡା ଏବଂ ଅଣ୍ଡରାହାଲ ଗ୍ରାମପଂଚାୟତରେ ସ୍ୱତନ୍ତ୍ର ଶିବିର ଆଜି ଆୟୋଜନ କରାଯାଇଥିଲା । ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼ଃ. ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଭୋଟ ଦେବାର ମୌଳିକ ଅଧିକାର ସମସ୍ତଙ୍କର ରହିଛି । ଯାହା ଗଣତନ୍ତ୍ରକୁ ସୁଦୃଢ କରିବାରେ ସହାୟକ ହୋଇଥାଏ। ସେ ଆହୁରି ମଧ କହିଛନ୍ତି ଯେ, ରାଜ୍ୟ ସରକାର ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି। ତେଣୁ ଯେପରି ଅଧିକରୁ ଅଧିକ ପିଭିଟିଜି ଯୁବକ ଯୁବତୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବେ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଫର୍ମ-୬ ମାଧମରେ ଯୋଗ, ଫର୍ମ-୭ ମାଧମରେ ଆବେଦନ ଓ ତ୍ରୁଟି ସଂଶୋଧନ ଓ ଫର୍ମ-୮ ମାଧମରେ ସ୍ଥାନାନ୍ତରଣ ଓ ଭୋଟର ପରିଚୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିପାରିବେ ବୋଲି ସେ ଏଠାରେ ସୂଚନା ଦେଇଥିଲେ। ଏହି ଶିବିରରେ ଫର୍ମ-୬ ମାଧମରେ ୧୭୯ ଜଣ ବ୍ୟକ୍ତି ଯୋଗ ନିମନ୍ତେ ଆବେଦନ କରିଛନ୍ତି। ସେହିପରି ଫର୍ମ-୮ ରେ ୩୫ ଜଣ ସ୍ଥାନାନ୍ତରଣ ଓ ଭୋଟର ପରିଚୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିଛନ୍ତି। ସର୍ବମୋଟ ଏହି ଶିବିରରେ ୨୧୪ ଟି ଫର୍ମ ସଂଗ୍ରହ କରାଯାଇଥିଲା । ସୂଚନା ଥାଉ କି ୯ ଟି ବୁଥର ଭୋଟର ମାନେ ଏଥିରେ ଯୋଗ ଦେଇଥିଲେ। ଏହି ଶିବିରରେ ଉପନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଖଇରପୁଟ ଉମାଶଙ୍କର କୋୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମାଲକାନଗିରି ପ୍ରଭାତୀ ଝଡିଆ, ସହାୟକ ଜିଲ୍ଲାପାଳ ଆଶୋକ ଚକ୍ରବର୍ତୀ, ବଣ୍ଡା ଉନ୍ନୟନ କର୍ତୃପକ୍ଷ (ବିଡ଼ିଏ) ପ୍ରୋଜେକ୍ଟ ଲିଡର ସଲମାନ୍ ରାଇକା, ଜିପିଇଓ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜ୍ୟୋତି ରଞ୍ଜନ ସେଠୀ, ବୁଥ ଲେବଲ୍ ଅଧିକାରୀ, ବୁଥ ଲେବଲ ସୁପର ଭାଇଜର ଏବଂ ବିଡ଼ିଏ କର୍ମଚାରୀ ଉପସ୍ଥିତ ଥିଲେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମସ୍ୟା ସୁଧୁରିବ କେବେ ?: ବିଭାଗକୁ ଦାବିପତ୍ର

ସମ୍ବଲପୁର, ୦୮/୦୯ (ନି.ପ୍ର): ରାଜ୍ୟର ସର୍ବବୃହତ ଜଳଭଣ୍ଡାର ଥିବା ଜିଲ୍ଲାରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟ ବିଶ୍ୱାସ ନ ହେଲେ ବି ଆମ ସ୍ୱଛ ଓ ନିର୍ମଳ ସରକାରର ଶାସନ ଅମଳରେ ସମ୍ବଲପୁର ସହରରେ ଏହି ସମସ୍ୟା ଲାଗିରହିଛି । ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଦିନ ବିଜେପିର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗକୁ ଯାଇ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ୨୦୧୪ ମସିହାରେ ବିଶୁଦ୍ଧ ପାନୀୟ ଜଳ ଅଭାବରେ ସମ୍ବଲପୁର ସହରାଂଚଳରେ ବ୍ୟାପକ ମାତ୍ରାରେ ଜଣ୍ଡିସ୍ ରୋଗ ବ୍ୟାପିଥିଲା । ଏଥିରେ ଆଶାତୀତ ଭାବେ ଲୋକେ ଆକ୍ରାନ୍ତ ହେବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବେଶ୍ ତତ୍ପରତା ପ୍ରକାଶ କରିଥିଲା । ଏପରିକି ସମ୍ବଲପୁର ସହରରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ରାଜ୍ୟର ସ୍ୱଛ ଓ ନିର୍ମଳ ସରକାର ତୁରନ୍ତ ୨୧୦ କୋଟି ଟଙ୍କା ବ୍ୟୟ ବରାଦ ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଘୋଷଣା କରିଥିଲେ । ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ଯ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ କୌଣସି ସୁଧାର ଆସିନାହିଁ । ଏବେ ବି ବାଲିବନ୍ଧା ସ୍ଥିତ ପୁରାତନ ପମ୍ପହାଉସ୍ ଜଳ ଯୋଗାଣ କରୁଥିଲେ ମଧ ଅଧିକାଂଶ ସମୟରେ ଗୋଳିଆ ପାଳି ଆସୁଥିବା ଅଭିଯୋଗ ହେଉଛି । ସହରାଂଚଳର ପାନୀୟ ଜଳ ଯୋଗାଣ ସଙ୍କଟ ଦୂର କରିବା ପାଇଁ ତୁରନ୍ତ ସହରରେ ଏକୁଟିଆ ବୃହତ୍ ଜଳ ବିଶୋଧନାଗାର ନିର୍ମାଣ କରାଯିବା ସହିତ ୪୦ଟି ପାଣି ଟାଙ୍କି ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ପାଇପ୍ ଯୋଗେ ଯୋଗାଣ କରିବା ପାଇଁ ବିଜେପି ନେତା ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି ।

# ଭୁଲିଗଲେ ବିଧାୟକ: ମହିଳା ତିଆରି କଲେ ରାସ୍ତା

ରାଉରକେଲା , ୦୮/୦୯ (ନି.ପ୍ର): ବସ୍ତି ବାସୀଙ୍କୁ ଦେଇଥିବା ପ୍ରତିଶୃତି ଭୁଲିଗଲେ ରାଉରକେଲା ବିଧାୟକ ସାରଦା ବାବୁ, ଫଳରେ ଅପକ୍ଷା କରି କରି ଶେଷରେ ବସ୍ତିର ମହିଳା ମାନେ ଏକତ୍ରିତ ହୋଇ ନିଜ ବସ୍ତିର ମୁଖ୍ୟ ରାସ୍ତାକୁ ନିଜେ ଆଜି ତିଆରି କରିଛନ୍ତି । ଏ ଘଟଣା ଘଟିଛି ରାଉରକେଲା ସିଭିଲଟାଉନ ସମ୍ମୁଖରେ ଥିବା ପ୍ରେମ ନଗର ଚୋରା ଟୋଲାରେ । ଆଜି ସକାଳୁ ଏହି ରାସ୍ତା ଦେଇ ଜାତୀୟ ରାଜପଥକୁ ଜିବା ବେଳେ ଦେଖାଯାଇଥିଲା ଅନେକ ମହିଳା ଝୁଡି, କୋଦାଳ ଆଦି ଧରି ଭଙ୍ଗା ଇଟା ମଇଳା ଆଦିକୁ ମିଶାଇ ନିଜ ବସ୍ତିର ମୁଖ୍ୟ ପଚ ପଚ ରାସ୍ତାକୁ ତିଆରି କରୁଛନ୍ତି । ସେମାନଙ୍କୁ ପଚରା ଜିବାରୁ ସେମାନେ କହିଛନ୍ତି, ୧୫ ବର୍ଷ ହେଲା ସାରଦା ବାବୁଙ୍କୁ ବାରମ୍ବାର କହିଲୁ, ଭୋଟ ବେଳେ ପ୍ରତିଶୃତି ପରେ ପ୍ରତିଶୃତି ଦେଲେ ଭୋଟ ନେଲେ ହେଲେ ଆମ ବସ୍ତିର ଏହି ରାସ୍ତାକୁ ତିଆରି କରିଦେଲେନି, ତେଣୁ ଆମେ ମାନେ ଏହାକୁ ତିଆରି କରୁଛୁ ଭୋଟ ବେଳେ କଥା ବାର୍ତା।

ଏହି ରାସ୍ତା ଦେଇ କେବଳ ଏହି ବସ୍ତିବାସୀ ଯାତାୟତ କରନ୍ତି ନାହିଁ ବରଂ ସହରର ଅନେକ ଲୋକ ଜାତୀୟ ରାଜପଥକୁ ବାହାରିବା ଲାଗି ଏହି ରାସ୍ତାକୁ ବ୍ୟବହାର କରିଥାନ୍ତି । ବର୍ଷା ଦିନେ ଏହା କାଦୁଅ ପଚ ପଚ ହୋଇଯାଇ ପିଲା ଓ ବୁଢା ଲୋକ ମାନଙ୍କ ଲାଗି ସମସ୍ୟା କରିବା ସହ ଆମ୍ବୁଲାନ୍ସ ମଧ ଏଠାକୁ ଆସି ପାରେ ନାହିଁ । ଆମ୍ବୁଲାନ୍ସ ଅନେକ ଦୂରରେ ଠିଆହେଲେ ଲୋକେ ରୋଗୀକୁ ଟେକି ଟେକି ନେଇଥାନ୍ତି । ଏପରିକି ଜଣେ ଅନ୍ତସତ୍ୱା ମହିଳା କିଛି ଦିନ ତଳେ ଏଭଳି ରାସ୍ତା ଲାଗି ରାସ୍ତାରେ ପ୍ରସବ କରିଥିବା କଥା ଅତି ଦୁଃଖର ସହ ବସ୍ତି ବାସୀ ଜଣାଇଛନ୍ତି । ଏଭଳି ଚିତ୍ର ରାଉରକେଲା ମହାନଗର ଅଂଚଳରେ ଦେଖି ସହରର ଉନ୍ନତି ଲୋକ ମାନଙ୍କ ସେବା ଲାଗି ରହିଥିବା ମହାନଗର ନିଗମ କଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି ।

# ଶିଳ୍ପନଗରୀ ରାଉରକେଲା ଜବରଦଖଲକାରୀଙ୍କ ଭୂସ୍ୱର୍ଗ ପାଲଟିଛି: ରିଜର୍ଭ ଫରେଷ୍ଟ ମଧ୍ୟ ବାଦ୍ ପଡୁନି

ରାଉରକେଲା, ୦୮/୦୯ (ନି.ପ୍ର): ରାଉରକେଲା ସହର ପୌରପାଳିକାରୁ ମହାନଗର ନିଗମ ହେଲା, ହେଲେ ସହରରେ ଜବରଦଖଲ ପରିମାଣ ଏଭଳି ବୃଦ୍ଧିପାଉଛି ଯେ, ସଂରକ୍ଷିତ ଜଙ୍ଗଲ ଓ ପାହାଡ ମଧ ବାଦ ପଡୁନି, ସହରର ମୂଲ୍ୟବାନ ଜମି ସମେତ ଏବେ ଏସବୁ ମଧ ଜବରଦଖଲକାରୀଙ୍କ କବଜାକୁ ଯିବାରେ ଲାଗିଛି, ଜିଲ୍ଲାପ୍ରଶାସନ କେବଳ ଦେଖଣାହାରି ହୋଇ ରହିଛି । ସହରକୁ ପ୍ରବେଶ କରିବା ବେଳେ ବେଦବ୍ୟାସ ଠାରେ ଏକ ପାହାଡ ତଥା ସଂରକ୍ଷିତ ଜଙ୍ଗଲକୁ କାଟି ଜବରଦଖଲ କରି ପ୍ରଥମେ ଏକ ଗାଡି କମ୍ପାନୀର ସର୍ଭିସିଂ ସେଂଟର କରାଜିବା ପରେ, ତାପାଖରେ ଧିରେ ଧିରେ ପାହାଡ କଟାଯାଇ ଦୋକାନ ବଜାର ତିଆରି ସରିଲାଣି। ସେହିଭଳି ପାନପୋଷ ଛକ ଠାରେ ଜବରଦଖଲକାରୀଙ୍କୁ ଦ୍ୱିତୀୟ ପୋଲ ତିଆରି ପୂର୍ବରୁ ଚିହ୍ନଟ କରାଯାଇ ସେମାନଙ୍କ କ୍ଷତିପୁରଣ ଦିଆଯାଇ ସେହି ରାସ୍ତାରେ ପୋଲ ଓ ଆପ୍ରୋଚ ରୋଡ ନେବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ବେଳେ ଜଣେ ରାଜନେତାଙ୍କ ହସ୍ତକ୍ଷେପ ଯୋଗୁ ରାସ୍ତା ଓ ପୋଲ ଘୁଂଚିଗଲା, ଜବରଦଖକାରୀ ତାଙ୍କ ଦଖଲରେ ରହିଲେ ଓ କ୍ଷତିପୁରଣ ବାବଦ ଟଙ୍କା ମଧ ପାଇଲେ । ସେହିଭଳି ପାନପୋଷରେ ଏକ ମସଲା କଂପାନୀ କୋଟି କୋଟି ଟଙ୍କାର ସରକାରୀ ଜମି ଦଖଲକୁ ନେବା ଘଟଣାରେ ମାନ୍ୟବର ଅଦାଲତ ସେସବୁ ଯାଗାକୁ ଉଚ୍ଛେଦ କରି ହାତକୁ ନେବାଲାଗି କହିବା ପରେ ମଧ ସେ ସମୟର ଉପଜିଲ୍ଲାପାଳ ମାନଙ୍କ ନିରବତା ସେ ସବୁ ଜମିକୁ ଆଜିଯାଏ ସେହି ମସଲା କଂପାନୀ ଅଧିନରେ ରଖିବାର ସୁଯୋଗ ଦେଇଛି । ଠିକ ସେହିଭଳି ଇଣ୍ଡୋଇଁରାଜୀ ବିଦ୍ୟାଳୟ ପାଖରେ ୨ ଏକର ସରକାରୀ ଜମିକୁ ଜଣେ ନେତା ମାଡି ବସିବା ଘଟଣା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ଛେଣ୍ଡ ଠାରୁ ବାସନ୍ତି କଲୋନୀ, ବନ୍ଧମୁଣ୍ଡା ଓ ସାରନଗରୀ ପ୍ରଭୃତି ଅଂଚଳରେ ହଜାର ହଜାର ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବଜାରେ । ଛେଣ୍ଡ କଳିଙ୍ଗବିହାର ଠାରେ ଏକ ବିଦ୍ୟାଳୟ ନାମରେ ଜବରଦଖଲ ହୋଇଥିବା ସରକାରୀ ଜମିରେ ରାଜସ୍ୱ ବିଭାଗର ଖୋଦ ଆରଆଇ ଅଫିସ କରାଜିବା ବେଳେ ଜବରଦଖଲକାରୀଙ୍କ ନାଲି ଆଖି ଠିକାଦାରଙ୍କୁ ଆଶ୍ଚର୍ଯ୍ୟ କରିଛି । ସହରରେ ବ୍ୟବସାୟ, ଶିକ୍ଷାନୁଷ୍ଠାନ, ବାସଗୃହ ଲାଗି ଅନେକ ପ୍ରଭାବଶାଳୀ ଲୋକ ଓ କିଛି ବାହାର ରାଜ୍ୟର ଲୋକ ମୂଲ୍ୟବାନ ସରକାରୀ ଯାଗାକୁ ଦଖଲରେ ରଖିଛନ୍ତି । ଏହା ଭିତରେ ଖୋଦ ଆରଡିଏ ର ପ୍ରାୟ ୧୫୦ ଏକର ଜମି ଜବର ଦଖଲ ହୋଇ ରହିଛି । ଫଳରେ ଆରଡିଏ ବାସଗୃହ ପ୍ରକଳ୍ପ କରିନପାରି ହାତବାନ୍ଧି ବସିଛି । ହାଉସିଂବୋର୍ଡ ମଧ ଯାଗା ପାଉନଥିବାରୁ କୌଣସି ପ୍ରକଳ୍ପ କରିପାରୁନାହିଁ । ରାଉରକେଲା ଇସ୍ପାତ କାରଖାନା ଜମି ଗୁଡିକ ଜବରଦଖଲ ହୋଇ ପଡିଥିବାରୁ ତାହାର ସଂପ୍ରସାରଣ ପ୍ରକଳ୍ପ ଠପ ହୋଇପଡିଛି । ଏସବୁ ତ ସାଧାରଣ ରାଜସ୍ୱ ବିଭାଗ ଜମି, କିନ୍ତୁ ଆଶ୍ଚର୍ଯର ବିଷୟ ଯେ, ଦୁର୍ଗାପୁର ପାହାଡ ସଂରକ୍ଷିତ ଜଂଗଲ ଭିତରେ ବି ବର୍ତମାନ ଘର ତିଆରି ଚାଲିଛି । ଅନେକ ଲୋକ ଏଠାରେ ରହିଥିବା ବେଳେ ନୂଆଘର ମାନ ମଧ ତିଆରି ଚାଲିଛି । ଜଣେ ରାଜନେତାଙ୍କ ମାଙ୍କ ନାମରେ ଏହି ପାହାଡରେ ଏକ ଜବରଦଖଲ କଲୋନୀ ତିଆରି ହୋଇ ସାରିବା ପରେ ସେଠାରେ କିଣାବିକା ମଧ ଚାଲିଛି। ସ୍ଥାନୀୟ ଡିଏଫଓ ଅଫିସକୁ ଅଧିକାରୀ ପରେ ଅଧିକାରୀ ଆସୁଛନ୍ତି କିନ୍ତୁ, ସେମାନେ ଏନେଇ ସଂପୁର୍ଣ ନୀରବ । ରାଉରକେଲା ସହରରେ ଜବର ଦଖଲ ଏକ ପ୍ରକାର କ୍ୟାନ୍ସର ଆକାର ଧାରଣ କଲାଣି, ଏସବୁ କିଛି ଅଦୃଶ୍ୟ ଶକ୍ତି ସହଯୋଗ କରି ମାଲେ ମାଲ ହେଉଥିବା ବେଳେ ରାଜସ୍ୱ ବିଭାଗ ପୁରା ନୀରବ। କାରଣ ଜବର ଦଖଲ ତାଲିକା ବଢୁଛି, କିନ୍ତୁ ଉଚ୍ଛେଦ ସଂଖ୍ୟା ଶୁନ । ତେଣୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେଇ ମୂଲ୍ୟବାନ ଜମି ଗୁଡିକୁ ରକ୍ଷା କରି ସାଧାରଣ ଜନତାଙ୍କ ସେବାରେ ଲଗାଇବାକୁ ଦାବି ହେଉଛି ।

# ଜାତୀୟ ଟାଏକୋଣ୍ଡୋରେ ପୁରୀ ଖେଳାଳିଙ୍କ ସଫଳତା

ପୁରୀ, ୦୮/୦୯ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ଟାଏକୋଣ୍ଡୋ ଖେଳାଳିଙ୍କୁ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ଥିଲେ। ରାଂଚି ସ୍ଥିତ ହରିବଂଶ ତାନା ଭଗତ ଇଣ୍ଡୋର ଷ୍ଟାଡ଼ିୟମରେ ସେପଟ୍ମେର ମାସ ୨ ତାରିଖରୁ ୪ ତାରିଖ ପର୍ଯନ୍ତ ୨ୟ ଭଗବାନ ବିର୍ସା ମୁଣ୍ଡା ଟ୍ରଫି ଓ ୧୪ତମ ଓପନ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନସିପ ଦୁଇଟି ଇଭେଣ୍ଟ ଯଥା କିରୋଗୀ ଓ ପୁମସି ଇଭେଂଟରେ ପ୍ରତିଯୋଗିତା ହୋଇଥିଲା। ପୁରୀ ଟାଏକୋଣ୍ଡୋ ସଂଘ ତରଫରୁ (ବାଳିକା -୭ ଓ ବାଳକ -୮) ଦୁଇଟି ଇଭେଂଟରେ ୧୫ ଜଣ ଖେଳାଳି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୀ ପ୍ରତିଯୋଗୀତାରେ ଗୋଟିଏ ରୌପ୍ୟ ପଦକ ଓ ୫ଟି ପଦକ ଜିତିଥିଲେ । ରୌପ୍ୟ ବିଜେତା ହେଲେ ଆଦ୍ୟାଶା ସାମନ୍ତରାୟ, କଂସ୍ୟ ପଦକ ବିଜେତା ଜାତବେଦ ତ୍ରିପାଠୀ, ଆରାଧ୍ୟା କର, ଶୁଭଶ୍ରୀ ଶୁଭମିତା ତ୍ରିପାଠୀ, ଅର୍ପିତା ପ୍ରିୟଦର୍ଶିନୀ ପ୍ରଧାନ ଓ ପ୍ରିୟଙ୍କା ବଡ଼ଜେନା ଓଡିଶା ଟିମ ଦ୍ୱିତୀୟ ଉପ-ବିଜେତା ଟ୍ରଫି ଜିତିଥିଲେ। ପୁରୀ ଟିମ କୋଚ ମିଥୁନ କୁମାର ସାହୁ ଟିମ ସହ ଖେଳାଳିଙ୍କୁ ଶିକ୍ଷା ଦେଇଥିଲେ। ପୁରୀରୁ ୨ ଜଣ ଜାତୀୟ ରେଫେରୀ ପାୟଲ ବଡ଼ଜେନା ଓ ଆରିଆନ ନାୟକ ଏହି ଜାତୀୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଚତୁର୍ଥ ଆନ୍ତର୍ଜାତିକ ନୀଳ ଆକାଶ ସ୍ୱଚ୍ଛ ବାୟୁ ଦିବସ ପାଳନ

ସୁବର୍ଣ୍ଣପୁର, ୦୮/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ ସଭା ପ୍ରକୋଷ୍ଠରେ ଜିଲ୍ଲା ସ୍ତରୀୟ ଚତୁର୍ଥ ଆନ୍ତର୍ଜାତିକ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ' ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ରମେଶ ଚନ୍ଦ୍ର ସ୍ୱାଇଁ, କଲେଜ ଅଧକ୍ଷା ରିତାରାଣୀ ପୂଜାରୀ, ଆଧପକ ମଦନ ସୁନ୍ଦର ଖେତୀ, ସଂଜୁରାଣୀ ସିଂ, ଏନ ସି ସି କାଉନସିଲର ପୁର୍ଣିମା ମିଶ୍ର, ରେଡ଼କ୍ରସ ସୋସାଇଟି କାଉନସିଲର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦାବନ ସାହୁ ଓ ଏମ ଏନ ସି ଡି ଗୀତାଞ୍ଜଳି ମେହେର ପ୍ରମୁଖ ଅତିଥିଭାବେ ମଂଚାସୀନ ଥିଲେ। ଅତିଥି ବୃନ୍ଦ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜରେ ସ୍ୱଚ୍ଛ ବାୟୁ ସୃଷ୍ଟି କରିବାରେ ଆମ ସମସ୍ତଙ୍କ ଭୂମିକା କର୍ତବ୍ୟ ସହ ଜଳବାୟୁ ପ୍ରଦୂଷଣକୁ ରୋକିବା ନିମନ୍ତେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛ ବାୟୁ ସ୍ୱାସ୍ଥ୍ୟ ପୂର୍ଣ୍ଣ ଜୀବଜଗତ ନିମନ୍ତେ ଅପରିହାର୍ଯ୍ୟ ରହିଥିବା କହିବା ସହ ପର୍ଯ୍ୟାବରଣର ଅହେତୁକ ସମୃଦ୍ଧି ନିମନ୍ତେ ପ୍ରତ୍ୟକ ସ୍ତରରେ ବଦ୍ଧ ପରିକର ହେବାକୁ ଆହ୍ୱାନ ଦେଇଛନ୍ତି। ସ୍ୱଚ୍ଛ ବାୟୁ ସୁସ୍ଥ ପରିବେଶ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ବିଶେଷ ଅପରିହାର୍ଯ୍ୟ, ଏଣୁ ସ୍ୱଚ୍ଛ ବାୟୁ ସୃଷ୍ଟି ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଛନ୍ତି ଅତିଥି ବୃନ୍ଦ। ଏ ବର୍ଷ ର ସ୍ଲୋଗାନ ଟୁଗେଦର ଫର କ୍ଲିନ ଏୟାର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସଭାରେ ଏଏସଆଇ ମନୋଜ କୁମାର ପ୍ରଧାନ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ କୁଇଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁଇଜ ପ୍ରତିଯୋଗିତାରେ କୃତୀ ୧୦ ଜଣ ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀ ପ୍ରିୟା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଭା ଅବସରରେ କଲେଜର ଅଧକ୍ଷ ଅଧକ୍ଷା, ଛାତ୍ରୀ ବୃନ୍ଦ, ଆଶା କର୍ମୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ପିଡିଏସ୍ ସାମଗ୍ରୀ ଯୋଗାଣ ଠିକାଦାର ଟେଣ୍ଡରରେ ଫିକ୍ସିଂ ଅଭିଯୋଗ: ଖିଲାପକାରୀଙ୍କୁ ପ୍ରଶାସନର ଅହେତୁକ ଅନୁକମ୍ପା

ସାଲେପୁର, ୦୮/୦୯ (ନି.ପ୍ର): କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପିଡିଏସ୍ ସାମଗ୍ରୀ ପରିବହନ ନିମନ୍ତେ ହୋଇଥିବା ଏଲ୍-୨ ଠିକାଦାର ଚୟନରେ ବ୍ୟାପକ ଅନିୟମିତତା କରାଯିବା ସହ ଜଣେ ଖିଲାପକାରୀ ପରିବହନ ଠିକା ସଂସ୍ଥାକୁ ଚୟନ କରାଯିବା ନେଇ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକର ପିଡିଏସ୍ ଏଲ -୨ ପରିବହନ ଠିକାଦାର ନିମନ୍ତେ ୬୩ ଜଣ ପରିବହନ ଠିକାଦାର ବିଡ୍ ରେ ଅଂଶଗ୍ରହଣ କରିଥିଲେ । ତେବେ ଗତ ଏପ୍ରିଲ ମାସରେ ଟେଣ୍ଡର ଖୋଲାଯିବା ପରେ ଚୟନ ପ୍ରକ୍ରୟାରେ ବ୍ୟାପକ ଅନିୟମିତତା ସହ ପକ୍ଷପାତିତା କରାଯାଇଥିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏପରିକି ଟେକନିକାଲ ବିଡ୍ ଅନଲାଇନ ମାଧ୍ୟମରେ କରାଯାଇଥିବା ବେଳେ ଟେଣ୍ଡରରେ ଭାଗ ନେଇଥିବା ଠିକାଦାରଙ୍କ ପାଖକୁ ଅନଲାଇନରେ ବିଡ୍ ର କୌଣସି ତଥ୍ୟ ପ୍ରଦାନ କରାଯାଇନଥିଲା । ଯାହାକି ସୂଚନା ଦେଉଛି, ବିଭାଗୀୟ ଅଧିକାରୀ ପକ୍ଷପାତିତା ନୀତି ଅବଲମ୍ବନ କରି ଟେଣ୍ଡର ଖୋଲାଯିବାର ପୂର୍ବ ଦିନ ଅତି ତରବରିଆ ଭାବରେ ବିଡର ମାନଙ୍କ ନିକଟକୁ ସୂଚନା ଦିଆଯାଇଥିଲା । ସ୍ୱଳ୍ପ ସମୟ ସୀମା ମଧ୍ୟରେ ଟେଣ୍ଡର ଭାଗ ନେଇଥିବା ଠିକାଦାରମାନେ ସେମାନଙ୍କର ତ୍ରୁଟି ସଂପର୍କରେ ସୂଚନା ପାଇପାରିନଥିଲେ । ଏପରିକି କିଛି ଠିକାଦାରଙ୍କ ତ୍ରୁଟି ପୂର୍ଣ୍ଣ ଟେଣ୍ଡର କାଗଜପତ୍ର ପ୍ରଦାନ କରିଥିଲେ ମଧ ସେମାନଙ୍କୁ ବାଦ୍ ଦିଆନଯାଇ ଟେଣ୍ଡରରେ ସେମାନଙ୍କୁ ସୁଯୋଗ ଦିଆଯିବା ପଛରେ କି ରହସ୍ୟ ଲୁଚି ରହିଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ସାମ୍ନାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏପରିକି ବିଡ୍ ରେ ଭାଗ ନେଇଥିବା ଠିକାଦାରଙ୍କ ଗାଡିର କାଗଜପତ୍ର ଠିକ ନଥାଇ ଓ ଟେଣ୍ଡର ପତ୍ରର ପ୍ରତି ପୃଷ୍ଠାରେ ଠିକାଦାରଙ୍କ ଦସ୍ତଖତ ନଥିଲେ ମଧ ସେମାନଙ୍କୁ ଏହି ଟେଣ୍ଡର ପ୍ରକ୍ରିୟାରେ ଗ୍ରହଣ କରାଯିବା ଯୋଗାଣ ବିଭାଗର ଅପାରଗତାକୁ ପଦାରେ ପକାଇଦେଇଛି । ପୂର୍ବରୁ ଯୋଗାଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ହୋଇଥିଲେ ମଧ ସେ ମହୋଦୟ ଟେଣ୍ଡର ସମୟରେ ଉପସ୍ଥିତ ରହି ପରୋକ୍ଷ ଭାବରେ କିଛି ପରିବହନ ଠିକାଦାରଙ୍କ ସହ ଭିତିରି ସଲାସୁତୁରା କରି ମୋଟା ଅଙ୍କର ମାଲ ହାତେଇ ଜଣେ ଖିଲାପକାରୀ ଠିକା ସଂସ୍ଥାକୁ ପରିବହନ ନିମନ୍ତେ ଚୟନ କରିଥିବା ଅଭିଯୋଗ ହୋଇଛି । ଏସବୁ ଜାଣିବା ପରେ ସ୍ଥାନୀୟ ଅଂଚଳର ଏଲ-୨ ଠିକାଦାର ଅଜୟ କୁମାର ପୃଷ୍ଟି ଓଡିଶା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରାସ୍ଥ ହୋଇଥିଲେ । ଯାହା ଫଳରେ ତାଙ୍କୁ ବାଧ ହୋଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପିଡିଏସ୍ ସାମଗ୍ରୀ ପରିବହନ ପାଇଁ ଅନୁମତି ଦେଇଥିଲେ । କିନ୍ତୁ, ଗତ ତା. ୧୭.୦୮.୨୦୨୩ ପତ୍ର ସଂଖ୍ୟା ୨୪୮୪ ରେ ଅଜୟ କୁମାର ପୃଷ୍ଟିଙ୍କୁ ପରିବହନ ଦାୟିତ୍ୱରୁ ବିରତ କରାଯାଇଥିଲା , ଯୋଗାଣ ବିଭାଗ ଉଚ୍ଚନ୍ୟାୟାଳୟକୁ ଜଣାଇଥିଲେ । ହେଲେ, ଟେଣ୍ଡରରେ ଭାଗ ନେଇଥିବା ମେସର୍ସ ମେଗ୍ମା ମାଇନ୍ସ ଆଣ୍ଡ ମିନେରାଲ ରିସୋର୍ସ ପ୍ରାଇଭେଟ ଲିମିଟେଡ ଯାହାଙ୍କ ଟେଣ୍ଡର କାଗଜପତ୍ରର କିଛି ପୃଷ୍ଠାରେ ନିମୟ ଅନୁଯାୟୀ ଦସ୍ତଖତ ନଥିଲା ।

# ଜିଲ୍ଲାପାଳଙ୍କ ଅଚାନକ କିର୍ମିରା ବ୍ଲକ ପରିଦର୍ଶନ

ଝାରସୁଗୁଡ଼ା, ୦୮/୦୯ (ନି.ପ୍ର): ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ଆଜି କିର୍ମିରା ବ୍ଲକ ଗସ୍ତ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ହାୟର ସେକେଣ୍ଡାରୀ କଲେଜ ପରିଦର୍ଶନ କରିଥିଲେ। କର୍ତବ୍ୟରେ ଅବହେଳା ଓ ଅନିୟମିତତା ସକାଶେ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଅଢ଼ଚାଳିଶ ଘଂଟା ମଧ୍ୟରେ କୈଫିୟତ ଦାଖଲ ସହ କାରଣ ଦର୍ଶାଇବା ପାଇଁ ନୋଟିସ ଜାରି କରିଛନ୍ତି। ହାୟର ସେକେଣ୍ଡାରୀ ସ୍କୁଲ ପରିଦର୍ଶନ ସମୟରେ ୬ ଜଣ ଅଧ୍ୟାପକଙ୍କ ମଧ୍ୟରୁ ଅଧକ୍ଷଙ୍କ ସମେତ ଚାରି ଜଣ ଅନୁପସ୍ଥିତ ଥିବା, ବାଳିକା ଶୌଚାଳୟ ପରିଷ୍କାର ପରିଚ୍ଛନ୍ନ ନଥିବା, ଶୌଚାଳୟରେ ଡଷ୍ଟବିନ୍ ନଥିବା, ଛାତ୍ରଛାତ୍ରୀଙ୍କ ସକାଶେ ନିର୍ଦ୍ଦିଷ୍ଟ ସମୟ ସାରଣୀ ଅନୁସରଣ କରାଯାଇନଥିବା ଲକ୍ଷ୍ୟ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନୁଷ୍ଠାନରୁ ଅବସର ନେଇଥିବା କର୍ମଚାରୀମାନଙ୍କର ଇପିଏଫ୍ ପାଉଣା ପାଇ ନଥିବା ଅଭିଯୋଗ ନେଇ ଅଧକ୍ଷଙ୍କ ଠାରୁ ଏ ବିଷୟରେ ଜାଣିବାକୁ ଚାହିଁଥିଲେ ମଧ ଅଧକ୍ଷଙ୍କ ଅନୁପସ୍ଥିତି ପାଇଁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କର୍ମଚାରୀଙ୍କ ଇପିଏଫ୍ ପାଉଣା ବାବଦକୁ ଅବଗତ ନଥିବାର ସେ ଜାଣିବାକୁ ପାଇଥିଲେ। ଏଥି ସକାଶେ ଜିଲ୍ଲାପାଳ ଅଧକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ପୂର୍ବକ ଅଢ଼ଚାଳିଶ ଘଂଟା ମଧ୍ୟରେ କୈଫିୟତ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅରଢ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ନିଜ ନିଜ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜିଲ୍ଲାପାଳ ପରିଦର୍ଶନ ସମୟରେ ଜାଣିବାକୁ ପାଇଥିଲେ। କିର୍ମିରା ଓ ଅରଢ଼ାରେ ଭାରପ୍ରାପ୍ତ ଉଭୟ ଡାକ୍ତର ଯଥାକ୍ରମେ ଦିନ ଏଗାରଟା ତଥା ଦିନ ବାରଟା ସୁଦ୍ଧା ଅନୁପସ୍ଥିତ ଥିଲେ। ଅରଢ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ କୌଣସି ବିନା ସୂଚନାରେ ନିଜ କାର୍ଯ୍ୟରେ ଅନୁପସ୍ଥିତ ଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବେଶ ଦିନ ବାରଟା ସୁଦ୍ଧା ବନ୍ଦ ଥିଲା। କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କାର୍ଯ୍ୟାଳୟ ପାଇଁ ପିଡବ୍ଲ୍ୟୁଡି ଓ ଟିପିଡବ୍ଲ୍ୟୁଓଡ଼ି କର୍ତୃପକ୍ଷଙ୍କୁ ଚଳିତ ମାସ ଶେଷ ସୁଦ୍ଧା ବିଦ୍ୟୁତ ସଂଯୋଗୀକରଣ ତଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଦିଗରେ ଆନୁସଙ୍ଗିକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ସଠିକ ଭାବେ ସ୍ୱାସ୍ଥ୍ୟସେବା ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଜିଲ୍ଲାପାଳ ଏହି ଅବସରରେ ଅରଢ଼ା ମହାବିଦ୍ୟାଳୟରେ ମିଶନ ଶକ୍ତି କାର୍ଯ୍ୟ ପରିଚାଳନା ଓ ରୂପାନ୍ତରଣ କାର୍ଯ୍ୟ ନେଇ ସମୀକ୍ଷା କରିଥିଲେ।

# ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନ ନେଇ ବୁଦ୍ଧିଜୀବୀ ସମାବେଶ

ସମ୍ବଲପୁର , ୦୮/୦୯ (ନି.ପ୍ର): ସମଗ୍ର ଭାରତବର୍ଷକୁ ଆର୍ଥିକ ରୂପରେ ସମୃଦ୍ଧ କରିବା ଓ ବିକାଶଶୀଳ ଭରତକୁ ବିକଶିତ ଭରତ ଭାବରେ ଗଢି ତୋଳିବା ପାଇଁ ସମଗ୍ର ଦେଶରେ ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି । ଚାକିରି କୁ କେବଳ ଏକମାତ୍ର ରୋଜଗାର ର ମାଧ୍ୟମ ବା ଉପାୟ ନ ଭାବି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବାକୁ ଦେଶବାସୀ ଙ୍କୁ ଜାଗ୍ରତ କରିବା ହେଉଛି ଏହି ଅଭିଯାନ ର ମୂଳ ଲକ୍ଷ । ନିଜେ ରୋଜଗାର କରିବା ସହିତ ଅନ୍ୟ ମାନଙ୍କୁ ରୋଜଗା ଦେବା ହେଉଛି ଅଭିଯାନ ର ମୂଳ ଆଧାର । କାମ ପ୍ରଦାତା ହୁଅ , କାମ ମାଗିବା ବାଲା ହୁଅ ନାହିଁ ର ମୂଳମନ୍ତ୍ର କୁ ଚରିତାର୍ଥ କରିବା ଦିଗରେ ଯୁବ ସମାଜ କୁ ଆଗେଇ ନେବା ପାଇଁ ବିଭିନ୍ନ ସ୍ଥାନରେ ବିବିଧ ସମାବେଶ ମାନ ଅନୁଷ୍ଠିତ କରାଯାଉଛି । ଏହି ମର୍ମରେ ସ୍ୱଦେଶୀ ଜାଗରଣ ମଂଚ ପଶ୍ଚିମ ପ୍ରନ୍ତ୍ ପକ୍ଷରୁ ଆଜି ସ୍ଥାନୀୟ କୁଞ୍ଜେଲପଡ଼ା ସ୍ଥିତ ସଂସ୍କୃତି ଭବନ ଠାରେ ଏକ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ୱାବଲମ୍ବୀ ଭାରତ ଅଭିଯାନ ର ରାଷ୍ଟ୍ରୀୟ ପ୍ରମୁଖ ତଥା ସ୍ୱଦେଶୀ ଜାଗରଣ ମଂଚ ର ଅଖିଳ ଭାରତୀୟ ସହ ସଂଗଠକ ସତିଶ କୁମାର ଜୀ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଶ୍ରୋତାଗଣଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଭାରତ ହେଉଛି ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳ ରେ ପରିପୂର୍ଣ୍ଣ ଦେଶ । ଶହ ଶହ ବର୍ଷ ଧରି ମୁଗଲ ଓ ଇଂରେଜ ଭାରତ କୁ ଲୁଣ୍ଠନ କଲା ପରେ ମଧ ଆଜି ଭାରତ ପ୍ରଚୁର୍ଯ୍ୟ ରେ ପରିପୂର୍ଣ୍ଣ ରହିଛି । ଭାରତ ବିଶ୍ୱଗୁରୁ ଥିଲା, କିନ୍ତୁ ବିଦେଶୀ ଆକ୍ରମଣକାରୀ ମାନେ ଆମକୁ ଆର୍ଥିକ ରୂପରେ ଶୋଷିତ ଲୁଣ୍ଠିତ କରିବା ସଙ୍ଗେ ସଙ୍ଗେ ଆମର ସାମାଜିକ, ସାଂସ୍କୃତିକ, ଶୈକ୍ଷିକ ଓ ବୈଚାରିକ ବ୍ୟବସ୍ଥା କୁ ମଧ ଧ୍ୱସ୍ତ କରିଦେଇଥିଲେ । ହେଲେ, ବର୍ତ୍ତମାନ ସମୟ ବଦଳିଛି । ଖୁବ୍ ଶୀଘ୍ର ଆମ ଦେଶ ଭାରତ ବିଶ୍ୱଗୁରୁ ହେବା ଦିଗରେ କାର୍ଯ୍ୟରତ ଓ ପ୍ରୟାସରତ ରହିଛି । ବର୍ତ୍ତମାନ ଆମ ଦେଶ ର ଆର୍ଥିକ ବ୍ୟବସ୍ଥା ବିଶ୍ୱରେ ସର୍ବାଧିକ ଦୃତଗତି ରେ ଦୌଡୁଥିବା ଅର୍ଥନୀତି ହୋଇସାରିଛି । ଆମ ଦେଶ ରେ ଯୁବ ବର୍ଗ ଆମ ଦେଶ ର ମଜଭୁତ ମେରୁଦଣ୍ଡ ସାଜିଛି । ଦେଶ ର ଯୁବ ବର୍ଗ ଯଦି ରୋଜଗାର ପାଇଁ ଚାକିରୀ ଉପରେ ନିର୍ଭରଶୀଳ ନରହି ନିଜେ ଆତ୍ମନିର୍ଭରୀଳ ଓ ସ୍ୱାବଲମ୍ବୀ ହୋଇ ପାରିବେ ଓ ସ୍ୱଦେଶୀ ଅଭିଯାନ କୁ ସଫଳ କରିବେ ତାହେଲେ ଆଗାମୀ ଦଶକ୍ ରେ ଭାରତ ବିଶ୍ୱର ପ୍ରଥମ ପ୍ରଭାବଶାଳୀ ଦେଶ ରେ ଉତ୍ତୀର୍ଣ୍ଣ ହୋଇପାରିବ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଡ଼ା.ରାଜକୁମାର ବଡ଼ପଣ୍ଡା ମୁଖ୍ୟ ଅତିଥି ଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

## ଜନ୍ମାଷ୍ଟମୀ ପାଳନ ଓ ଚନ୍ଦ୍ରାୟନ ଯାତ୍ରାର ଝଲକ

ଜଳେଶ୍ୱର , ୦୮/୦୯ (ନି.ପ୍ର): ନିକଟରେ ଭାରତର ଚନ୍ଦ୍ରାୟନ ଯାତ୍ରାର ସଫଳତା ଏବେବି ବହୁ ବ୍ୟକ୍ତିଙ୍କ ମନରୁ ଲିଭିନାହିଁ । ଜଳେଶ୍ୱର ପୌରପାଳିକାର ବଡବଜାର ନିବାସୀ ଅରୁଣ ରାଠୀଙ୍କପ ବାସଭବନରେ ଚଳିତବର୍ଷ ଜନ୍ମାଷ୍ଟମୀ ପାଳନ ହେବା ସହିତ ବାଳକୃଷ୍ଣଙ୍କ ପୂଜାର୍ଚ୍ଚନା ତଥା ଚନ୍ଦ୍ରାୟନ ଯାତ୍ରାର ଏକ ଝଲକ ପ୍ରତିପାଦିତ ହୋଇଛି । ପରିବାରର ମା ଗୌରାଦେବୀ ରାଠୀ, କ୍ରିଷ୍ଣାଦେବୀ ରାଠୀ, ଯୋଗେଶ ରାଠୀ, କୁନ୍ତଲଶ୍ରୀ ରାଠୀ, ନନ୍ଦିନୀ ରାଠୀ ପ୍ରମୁଖ ସମବେତ ଭାବେ ଚନ୍ଦ୍ରାୟନର ପ୍ରତୀକ, ଇସ୍ରୋ ନିର୍ମିତ ରକେଟ୍, ପ୍ରଜ୍ଞା-ରୋଭରର ମଡେଲ ନିର୍ମାଣ କରିଛନ୍ତି । ଏହାକୁ ଦେଖିବାକୁ ଭିଡ ଜମୁଛି ।

## ବିଦାୟ ନେଲେ ଉଦଳା ସହରର ପ୍ରଥମ ସ୍ୱୟଂ ସେବକ ଡ଼ା. ପ୍ରଦୀପ ଚନ୍ଦ୍ର ମହାନ୍ତ

ଉଦଳା , ୦୮/୦୯ (ନି.ପ୍ର): ଉଦଳା ସହର ମଧ୍ୟରେ ଛୋଟ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି ଡ଼ା.ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କୁ । କେବଳ ଡ଼ାକ୍ତର ଭାବରେ ନୁହେଁ, ସେ ଥିଲେ ଉଦଳା ସହରର ପ୍ରଥମ ବ୍ୟକ୍ତି ଯିଏକି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗ ଦେଇଥିଲେ । ଉଦଳା ଉଚ୍ଚ ବିଦ୍ୟାଳୟର ଛାତ୍ର ଥିବା ସମୟରେ ସେ ଖେଳ ପଡ଼ିଆରେ ଉଡ଼ାଇଥିଲେ ସଂଘର ଗୌରିକ ପତାକା ଓ ଶାଖା ଲଗାଇଥିଲେ । ସେଥିପାଇଁ ତାଙ୍କୁ ବିଦ୍ୟାଳୟର ଶିକ୍ଷକ ମାନଙ୍କ ଠାରୁ ବହୁ ଗାଳି ଶୁଣିବାକୁ ପଡ଼ିଥିଲା କିନ୍ତୁ କାହାରି କଥାକୁ ସେ ଭୃକ୍ଷେପ କରିନଥିଲେ । ପରେ ମହାବିଦ୍ୟାଳୟରେ ପାଠ ପଢ଼ା ସରିବା ପରେ ବୁର୍ଲା ମେଡ଼ିକାଲ କଲେଜରେ ନାମ ଲେଖାଇଥିଲେ ଓ ଏଠାରୁ ଡ଼ାକ୍ତରି ପାଠ ସାରି ଉଦଳାରେ ଏକ କ୍ଲିନିକ କରିଥିଲେ । ବାବରି ମସଜିଦ ଭଙ୍ଗା ସମୟରେ ସେ କରସେବକ ଭାବରେ ଅଯୋଧ୍ୟା ଯାଇଥିଲେ ଏବଂ ମସଜିଦ ଭଙ୍ଗା କାର୍ଯ୍ୟରେ ସହଯୋଗ କରିଥିଲେ । ରାମଚନ୍ଦ୍ରଙ୍କ ଜନ୍ମସ୍ଥାନରେ ମନ୍ଦିର ନିର୍ମାଣ ହେଉ ବୋଲି ସେ ଚାହୁଁଥିଲେ । ଯାହାକି ଆଜି ନିର୍ମାଣାଧିନ ରହିଛି । ସେ



ଏକାକି ଉଦଳାରୁ ମଟରସାଇକେଲ ଚଳାଇ ଥରେ ଜାମୁକାଶ୍ମିର ଯାଇଥିଲେ । ଏଥିରୁ ତାଙ୍କର ସାହସ ସମ୍ପର୍କରେ ଆଜିବି ସାଧାରଣରେ ଚର୍ଚ୍ଚା ହୁଏ । କାଶ୍ମିରରେ ଗୋଟିଏ ସପ୍ତାହ ରହି ଫେରି ଆସିଥିଲେ । ସେଠାକାର ଅବସ୍ଥା ଦେଖି ତୁରନ୍ତ ୩୭୦ ଧାରା ଉଠିଯିବା ଉଚିତ ବୋଲି ଦାବି ଜଣାଇଥିଲେ । ଏପରିକି ଭାରତ ଏକ ହିନ୍ଦୁ ରାଷ୍ଟ୍ର ରୂପେ ଘୋଷିତ ହେଉ ବୋଲି ସେ ଚାହୁଁଥିଲେ । ସେ କହୁଥିଲେ ମୁଁ ବଂଚିଥିବା ଅବସ୍ଥାରେ ଏହିଭଳି ଏକ ଶୁଭ ଖବର ଶୁଣିବାକୁ ଚାହେଁ । କିନ୍ତୁ ଭାରତ ହିନ୍ଦୁ ରାଷ୍ଟ୍ର ଘୋଷିତ ହେବା ପୂର୍ବରୁ ଚଳିତ ସେପ୍ଟେମ୍ବର ୧ ତାରିଖ ଦିନ ସେ ସବୁଦିନ ପାଇଁ ବିଦାୟ ନେଇଗଲେ । ତାଙ୍କର ଅବର୍ତମାନ ଆଜି ଉଦଳା ସହରରେ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ ।

## ୩ଦଫା ଦାବୀ ନେଇ ପ୍ରାଥମିକ ଶିକ୍ଷକ ସଂଘର ଧାରଣା

ଖଇରା,୮/୯(ନିପ୍ର) ୩ଦଫା ଦାବୀ ପୂରଣ ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖଇରା ଶାଖା ପକ୍ଷରୁ ଶୁକ୍ରବାର ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଖଇରା ଶାଖା ସଭାପତି କୈଳାସ ଚନ୍ଦ୍ର ବେହେରା ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର,ଏନପିଏସ ସଭାପତି ସୁଶାନ୍ତ କୁମାର ମହାପାତ୍ର ଓ ସମ୍ପାଦକ ଉଦୟନାରାୟଣ ପାତ୍ର,ମହାସଚୀବ ରଞ୍ଜନ କୁମାର ମହଲା,ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ଦକ୍ଷିଣରାୟ, ଜନାର୍ଦ୍ଦନ ସାମଲ, ପ୍ରବୀଣ କୁମାର ମହାନ୍ତି, ଜ୍ଞାନରଞ୍ଜନ ଜେନା, ବଳରାମ ଲେଙ୍କା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଧାରଣାରେ ସାମିଲ ହୋଇଥିଲେ । ଠିକା ନିଯୁକ୍ତି ଉଚ୍ଛେଦ,କନିଷ୍ଠ ଶିକ୍ଷକ ଏବଂ କଳା,କ୍ରୀଡା ଶିକ୍ଷକଙ୍କୁ ନିୟମିତ କରିବା ଇତ୍ୟାଦି ଦାବୀରେ ଏହି ଧାରଣ ଦିଆଯାଇଛି । ସୋମବାର ଠାରୁ ଶିକ୍ଷକମାନେ ଅନିର୍ଦ୍ଧିତ କାଳ ପର୍ଯ୍ୟନ୍ତ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି ।

## ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହେଲା 'ମୁଁ ବି ମିତା' ଅଭିଯାନ

### ସମ୍ବର୍ଦ୍ଧିତ ହେବେ ସଚେତନତା ସୃଷ୍ଟି କରିଥିବା 'କ୍ୟାମ୍ପସ ଆମ୍ବାସଡର'




ବାଲେଶ୍ୱର , ୦୮/୦୯ (ନି.ପ୍ର): ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସକାଳ ଘ. ୧୧ ଟା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ 'ମୁଁ ବି ମିତା' ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି ଓ ନୂତନ ଯୁବ ଭୋଟରମାନଙ୍କ ପଞ୍ଜୀକରଣ ତଥା ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ 'ମୁଁ ବି ମିତା' ସଚେତନତା ଅଭିଯାନ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏହି ଅବସରରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀଯୁକ୍ତ କୁନାଲ ମୋତିରାମ ଚୌହାନ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ମନ୍ଦରଧର ମହାଳିକ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ଗାୟତ୍ରୀ ସୋରେନ ମଞ୍ଚାସୀନ ଥିଲେ। ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା, ନିର୍ଭୁଲ ଓ ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତି ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି ଓ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ତାଲିକାରେ ନୂତନ ଭୋଟର ଯେଉଁମାନଙ୍କର ବୟସ ୧୮ ବର୍ଷରୁ ଅଧିକ ହୋଇଛି ସେମାନେ ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିପାରିବେ ତାହା ମଧ୍ୟ ସୂଚାଇ ଦିଆ ଯାଇଥିଲା ଓ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ଗାୟତ୍ରୀ ସୋରେନ ଗୃହରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରୀମାନଙ୍କୁ ନିର୍ବାଚନ ସମ୍ବନ୍ଧିତ ସବିଶେଷ ବିବରଣୀ ଉପରେ ଆଲୋକପାତ କରିଥିଲେ ଓ ଭଲ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରିଥିବା 'କ୍ୟାମ୍ପସ ଆମ୍ବାସଡର' ମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯିବା ପାଇଁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ମତ ରଖିଥିଲେ ଓ ସମାରୋହରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀମାନଙ୍କୁ ଜିଲ୍ଲାପାଳ କ୍ୟାପ ଏବଂ ଆଇକାର୍ଡ ପ୍ରଦାନ କରି ତାଙ୍କ ଉତ୍ସାହ ବଢ଼ାଇ ଥିଲେ ଓ ଏହି ଅବସରରେ ନୀଳଗିରି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ମହାଳିକ ଛାତ୍ରୀମାନଙ୍କୁ 'ମୁଁ ବି ମିତା' ଅଭିଯାନ ସମ୍ପର୍କରେ କହିବା ସହ ନିଜେ ଜାଣିଲେ ଅନ୍ୟକୁ ଜଣେଇବେ ବୋଲି ପରାମର୍ଶ ଦେଇଥିଲେ । ଭୋଟ ଦେବା ନିଜର ଅଧିକାର ବୋଲି ଆହ୍ୱାନ ଦେଇଥିଲେ । ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ କଲେଜ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନା ଚକ୍ର

ଭୁବନେଶ୍ୱର, ୦୮/୦୯ (ନି.ପ୍ର): ଆଜିର ଆଧୁନିକତା ଓ ଦୈନନ୍ଦିନ ଜୀବନଶୈଳୀ ମଧ୍ୟରେ ମାନସିକ ଚାପ, ଅତ୍ୟଧିକ ଚିନ୍ତା ଏବଂ ଉଦାସୀନତା ଆସିଥାଏ । ବିଶେଷ ଭାବେ ମହିଳା ବିଦ୍ୟାର୍ଥୀଙ୍କ କ୍ଷେତ୍ରରେ ଯୌନ ଶୋଷଣ, ଅସାଧୁ ସ୍ପର୍ଶ, ଆର୍ଥିକ ଶଙ୍କଟ, ପ୍ରେମ ସମ୍ପର୍କରେ ବିଚ୍ଛିନ୍ନତା, ପାରିବାରିକ ଅସନ୍ତୋଷ, ତୁଚ୍ଛତା, ନିଜ ଲୋକଙ୍କୁ ହରେଇବା, ସାଇବର ଠକେଇ, ଅସୁନ୍ଦରତା, ପରୀକ୍ଷା ଚାପ, ପରୀକ୍ଷା ଫଳ, ଚାକିରୀ ଆଦିକୁ ନେଇ ମାନସିକ ଅଶାନ୍ତି ଉପୁଜିଥାଏ । ସମୟ ଏମିତି ଆସେ, ଜଣେ ନିଜର କ୍ଷତି କରିବାକୁ ମଧ୍ୟ ପଛାଏ ନାହିଁ । ତେବେ ଏଥିରେ ସୁଧାର ଆଣିବା ନେଇ ଶାରୀରିକ, ସାମାଜିକ ଓ ଭାବପ୍ରବଣତା ସୁସ୍ଥତା ସହ ମାନସିକ ସୁସ୍ଥତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ଶିମିଳିପାଳରେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇ ଦେବାକୁ ଦାବି

### ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଭଞ୍ଜସେନା



ବାରିପଦା, ୦୮/୦୯ (ନି.ପ୍ର): ଆଜି ଭଞ୍ଜସେନା ପକ୍ଷରୁ ଶିମିଳିପାଳରେ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଦାବୀ ଗୁଡିକ ମଧ୍ୟରେ ଅରଣ୍ୟ ନିବାସରେ ମଧ୍ୟବିତ୍ତ ପରିବାର ବର୍ଗଙ୍କ ପାଇଁ ୫୦ପ୍ରତିଶତ କୋଠରୀ ସ୍ୱଳ୍ପ ମୂଲ୍ୟରେ ସଂରକ୍ଷଣ ବ୍ୟବସ୍ଥା କରାଯିବା, ଦେଶୀ ବିଦେଶୀ ଖାଦ୍ୟ ସହିତ ମୟୁରଭଞ୍ଜର ପ୍ରସିଦ୍ଧ ଘରୋଇ ଖାଦ୍ୟ ଗୁଡିକୁ ମଧ୍ୟ ଅଧିକ ମାତ୍ରାରେ ବ୍ୟବହୃତ କରାଯିବା, ଶିମିଳିପାଳ ଭିତରେ ଏକ ଭୋଜନାଳୟ ଖୋଲିବାର ବ୍ୟବସ୍ଥା କରିବା, ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ପ୍ରତିଦିନ ମୟୁରଭଞ୍ଜର ଆଦିବାସୀ ନାଚ, ଛଉ ଓ ଝୁମର ନାଚ ଭଳି ଲୋକସଂସ୍କୃତିର ସୁଯୋଗ ସୃଷ୍ଟି କରାଯିବା, ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଜଙ୍ଗଲ ମଧ୍ୟରେ ବିଦ୍ୟୁତ ସର ବରାହ କେବୁଲ ମାଧ୍ୟମରେ ମାଟି ତଳେ ନିଆଯିବା, ଅରଣ୍ୟ ନୀବାସରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ଅରଣ୍ୟ ନିବାସ ସହିତ ଲୁଲୁଙ୍ଗ ଫରେଷ୍ଟ ଗେଟ ଭିତରେ ଥିବା ଘୋରଇ ଗେଷ୍ଟ ହାଉସ ଗୁଡିକରେ ଶିକାରୀ ଓ କାଠ ମାଫିଆ ମାନେ ରହି ଅବାଧରେ ଶିମିଳିପାଳ ଅଭୟାରଣ୍ୟରୁ ମୂଲ୍ୟବାନ କାଠ ଚୋରି, ହାତୀ ଓ ମହାବଳ ବାଘ ଶିକାରରେ ସକ୍ରିୟ ଥିବା ଶୁଣିବାକୁ ମିଳୁଥିବାରୁ କଡାକଡି ଯାଞ୍ଚ କରାଯିବା, କ୍ୟାମ୍ପସ ଭିତରେ ପୁରୁଷ ଓ ମହିଳା ପର୍ଯ୍ୟଟକଙ୍କ ନିମନ୍ତେ ସୁଲଭ ଶୌଚାଳୟ ନିର୍ମାଣ କରାଯିବା ଇତ୍ୟାଦି ଦାବୀ କରାଯାଇଛି। ଆଗାମୀ ଦିନରେ ଦାବୀ ଗୁଡିକ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଘେରାଓ କାରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି କହିଛନ୍ତି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଉଠାଦୋକାନୀ ମାନଙ୍କ ଶୋଭାଯାତ୍ରା

ଭୁବନେଶ୍ୱର, ୦୮/୦୯ (ନି.ପ୍ର): ସାରା ବିଶ୍ୱରେ ପ୍ଲାଷ୍ଟିକ ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଥିବା ବେଳେ ଭାରତରେ ବହୁଳ ଭାବରେ ପ୍ଲାଷ୍ଟିକ ଜିନିଷ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଭୂତଳ ଜଳ ସଂରକ୍ଷଣ ହ୍ରାସ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି ହେବା ସହିତ ଅନେକ ପ୍ରକାର ରୋଗର କାରଣ ସାଜିଥାଏ। ଏଥି ସହିତ ପ୍ଲାଷ୍ଟିକ ଜରି, ପାଉଚ ଆଦି ଖାଇ ଅନେକ ସମୟରେ ବହୁ ବୁଲା ଗୋରୁଗାଈ ଓ ଷଣ୍ଢ ମୃତ୍ୟୁମୁଖରେ ପଡ଼ିଥାନ୍ତି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ଅବ୍ୟବହୃତ ପ୍ଲାଷ୍ଟିକ ଦ୍ରବ୍ୟ ମାଟିରେ ନ ମିଶିପାରି ମାଟିକୁ ବିଷାକ୍ତ ଓ ଅନୁର୍ବର କରିବା ସହିତ ଋଷକାର୍ଯ୍ୟରେ ବାଧାଦୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ଉଠାଦୋକାନୀ ମହାସଂଘର ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷଙ୍କ ଡାକରାରେ ସାରା ଭାରତବର୍ଷରେ ପ୍ରତ୍ୟେକ ରାଜ୍ୟରେ ଉଠାଦୋକାନୀମାନେ ପ୍ଲାଷ୍ଟିକ ବର୍ଜନ ଉପରେ ଜନସଚେତନତା ସୃଷ୍ଟି କରୁଥିବା ବେଳେ ଓଡ଼ିଶାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ମହାସଂଘ ଓ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ମିଳିତ ସହଯୋଗରେ ଓଡ଼ିଶାର ବିଭିନ୍ନ ସହରଗୁଡ଼ିକରେ ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଶୁକ୍ରବାରଦିନ ଭୁବନେଶ୍ୱରସ୍ଥିତ ୟୁନିଟ୍-୧, ୟୁନିଟ୍-୨, ଖାରବେଳ ନଗର, ପିଏମ୍‌ଜି, ବିଧାନସଭା ଅଂଚଳରେ ଉଠାଦୋକାନୀମାନେ ହାତରେ ପ୍ଲାଷ୍ଟିକ ମୁକ୍ତ ପ୍ଲାକର୍ଡ ଧରି ଲୋକମାନଙ୍କୁ ସଚେତନ କରାଇବା ସହ ପ୍ରଚାର ପତ୍ର ବାଣ୍ଟିଥିଲେ ଏବଂ ପାଣିବୋତଲ, ପାଣି ପାଉଚ୍, ପ୍ଲାଷ୍ଟିକ ତିଆରି ସାମଗ୍ରୀ, ପ୍ଲାଷ୍ଟିକ କଣ୍ଟେଇ ଆଦି ସାମଗ୍ରୀକୁ ପରିତ୍ୟାଗ କରିବା ସହିତ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରି ଏକ ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶ ସୃଷ୍ଟି କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ, ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ମହିଳା ନେତ୍ରୀ ଭାରତ ସେଠୀ, ମାଧବ ରାଉତ, ବୁନା ସ୍ୱାଇଁ, ଅରୁ, ପ୍ରଶାନ୍ତ ଓ ବବୁଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### 'ସୌମ୍ୟ' ଅଡୁଆ: କାର୍ଯ୍ୟାନୁଷ୍ଠାନ ....

ତଥା କ୍ଷମତାକେନ୍ଦ୍ର ଭିକେ ପାଣ୍ଡିଆନଙ୍କ କାର୍ଯ୍ୟଶୈଳୀ ଉପରେ ଅଙ୍ଗୁଳି ଉଠାଇଛନ୍ତି । କେବଳ ସେତିକି ନୁହେଁ, ଯଦି ପାଣ୍ଡିଆନ ରାଜନୀତି କରିବାକୁ ଚାହୁଁଛନ୍ତି ତା'ହେଲେ ସରକାରୀ ଚାକିରିରୁ ଅବସର ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ନେତୃତ୍ୱ ନେଲେ ତାଙ୍କର କିଛି ଆପତ୍ତି ନାହିଁ ବୋଲି ସୌମ୍ୟ କହିବା ସହ ଅରୁଣ ଓ ଅତନୁଙ୍କ ଭଳି ନେତାମାନେ ଯେଉଁ ବୟାନ ଦେଉଛନ୍ତି ସେଥିପାଇଁ ସେମାନଙ୍କୁ ଉପରୁ ନିର୍ଦ୍ଦେଶ ଦିଆଯାଉଛି । ତାଙ୍କ ଆଲେଖ୍ୟର ୧୫ଦିନ ପରେ ଅରୁଣ ଓ ଅତନୁ ପ୍ରତିକ୍ରିୟା ଦେଇଛନ୍ତ । ସେମାନଙ୍କର ଅସହାୟତାକୁ ସେ ବୁଝିପାରୁଛନ୍ତି ତଥା ସେମାନଙ୍କ କଥା ଉପରେ ଟିପ୍ପଣୀ ଦେଇ ଗୁରୁତ୍ୱ ବଢ଼ାଇବାକୁ ଚାହୁଁନି ବୋଲି ସୌମ୍ୟ କହିଛନ୍ତି । ତେବେ ନିଜର ରୋକଠୋକ୍ ଓ ସ୍ପଷ୍ଟବାଦୀ ସ୍ୱଭାବ ପାଇଁ ପରିଚିତ ସୌମ୍ୟରଞ୍ଜନ ପଟ୍ଟନାୟକ ୨୦୧୮ ମାର୍ଚ୍ଚ ମାସରେ ବିଜେଡିରେ ସାମିଲ ହୋଇଥିଲେ ମଧ୍ୟ ନିଜ ସମ୍ପାଦକୀୟରେ ରାଜ୍ୟରେ କୋଭିଡଜନିତ ମୃତ୍ୟୁ ଓ ମମିତା ମେହେର ହତ୍ୟାରେ ତତକାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି, ମନ୍ତ୍ରୀ ନବ ଦାସ ହତ୍ୟା ମାମଲା ଭଳି ପ୍ରସଙ୍ଗରେ ସ୍ପଷ୍ଟ ମତ ଦେବାକୁ ପଛାଇ ନଥିଲେ । ଅବଶ୍ୟ ଏସବୁ ପ୍ରସଙ୍ଗକୁ ସେତେବେଳେ ବିଜେଡି ନେତୃତ୍ୱ ହଜମ କରିବା ସହ ସୌମ୍ୟଙ୍କୁ ମ୍ୟାନେଜ୍ ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ । କିନ୍ତୁ ରାଜନୀତି ବିଜ୍ଞାନର ଅଧ୍ୟାପକରୁ ସମ୍ବାଦର ସମ୍ପାଦକ ଓ ପରେ ବିଧାୟକ ପାଲଟିଥିବା ସୌମ୍ୟରଞ୍ଜନ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କ ରାଜନୀତିକ ବ୍ରାଣ୍ଡିଂକୁ ସହଜରେ ଗ୍ରହଣ କରିପାରିନାହାନ୍ତି । ନିଜ ସମ୍ବାଦପତ୍ରରେ ଏହାକୁ ନେଇ ସେ ମତ ରଖିବା ପରେ ବିଜେଡି ଶିବିରରେ କମ୍ପନ ସୃଷ୍ଟି ହୋଇଛି । ଆଉ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ପ୍ରତି ସୌମ୍ୟ କରିଥିବା ଟିପ୍ପଣୀ ଯୋଗୁ ତାଙ୍କ ଉପରେ ବ୍ୟକ୍ତିଗତ ସମାଲୋଚନା ପାଇଁ ଅରୁଣ ଓ ଅତନୁଙ୍କ ଭଳି ନେତାଙ୍କୁ ଆଗକୁ ଅଣାଯାଇଛି । ସୌମ୍ୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜେଡି କ୍ଷମତାକେନ୍ଦ୍ର ଯୋଜନା କରୁଥିବା ମଧ୍ୟ ଜଣାପଡ଼ିଛି । ତେବେ ରାଜନୀତିକ ଦୃଷ୍ଟିରୁ ପରିପକ୍ୱ ସୌମ୍ୟ ବିଜେଡିରେ ଥାଇ କାହିଁକି ବିଜେଡିର ତଥାକଥିତ କ୍ଷମତାକେନ୍ଦ୍ରଙ୍କୁ ଟାର୍ଗେଟ କଲେ ତଥା ଉଭୟଙ୍କ ମଧ୍ୟରେ ମତାନ୍ତର କାହିଁକି ଏତେ ଅଧିକ ଉଗ୍ର ରୂପ ନେଲା ତାକୁ ନେଇ ବିଜେଡିରେ ଚର୍ଚ୍ଚା ଚାଲିଛି । ମିଳିଥିବା ସୂଚନା ଅନୁସାରେ, ବିଧାୟକ ହେବା ପରଠୁ ସୌମ୍ୟ ବିଜେଡିର ପରିଚାଳନା ଶୈଳୀକୁ ନେଇ ସନ୍ତୁଷ୍ଟ ନାହାନ୍ତି । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ପହଂଚି ବିଭିନ୍ନ ପ୍ରସଙ୍ଗରେ ମତ ରଖିବାର ସୁଯୋଗ ନଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(ପାଣ୍ଡିଆନ)ଙ୍କ ସହ ସିଧାସଳଖ ଯୋଗସୂତ୍ରରେ ରହିବାକୁ ଚାହୁଁଥିଲେ । କିନ୍ତୁ ସେତିକି ସୁଯୋଗ ମଧ୍ୟ ସୌମ୍ୟଙ୍କୁ ଦିଆଯାଇ ନଥିଲା । ଜଣେ ନିର୍ବାଚିତ ଲୋକପ୍ରତିନିଧି ହୋଇ ମଧ୍ୟ ନବୀନ ଓ ପାଣ୍ଡିଆନଙ୍କୁ ଭେଟିବାର ସୁଯୋଗ ନଥିବାରୁ ସୌମ୍ୟ ନିଜକୁ ଅଲୋଡ଼ା ମନେ କରୁଥିଲେ । ଯଦିଓ ବିଜେଡିରେ ଏବେ ହାତଗଣତି ଜଣେ ଦୁଇଜଣ ନେତାଙ୍କୁ ବାଦ୍ ଦେଲେ ପାଣ୍ଡିଆନଙ୍କୁ ସମସ୍ତେ ଭେଟିବା ସମ୍ଭବପର ହେଉନି । ଆଉ ନବୀନ ନଚାହିଁଲେ ତାଙ୍କୁ କେହିବି ଭେଟିବା ସମ୍ଭବ ନୁହେଁ । ତେଣୁ ଏସବୁ ଅଚଳାବସ୍ଥା ଭିତରେ ନିଜର ଜଣେ ପୂର୍ବତନ କର୍ମଚାରୀ(ବିଜେଡି ସାଂସଦ)ଙ୍କ ମାଧ୍ୟମରେ ତୃତୀୟ ମହଲା ସହ ଯୋଗାଯୋଗ କରିବାକୁ ସୌମ୍ୟଙ୍କୁ କୁହାଯାଇଥିଲା । ଯାହାକୁ ସୌମ୍ୟ ସହଜରେ ହଜମ କରିପାରିନଥିଲେ ଓ ସେବେଠୁ ତୃତୀୟ ମହଲା ସହ ମତାନ୍ତର ବଢ଼ି ଏବେ ଉଗ୍ରରୂପ ଧାରଣ କରିଥିବା ସୂଚନା ମିଳିଛି । ସୌମ୍ୟ ନିଜର 'ସମ୍ବାଦ ଓ କନକଟିଭି' ମାଧ୍ୟମରେ ପ୍ରଭାବଶାଳୀ ଢଙ୍ଗରେ ଜନମତ ସୃଷ୍ଟି କରିବାର ଆଶଙ୍କା ଥିବାରୁ ବିଜେଡି ବେଶ୍ ସୁଚିନ୍ତିତ ଢଙ୍ଗରେ ସୌମ୍ୟଙ୍କୁ ବଦନାମ କରି ଦଳରୁ ବହିଷ୍କାର ନିମନ୍ତେ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି ।

### ପ୍ରତାରଣା କଲେ....

ସବୁଠି ଶିକ୍ଷକଙ୍କ ମୁହଁରେ ଶୁଭିଛି ସରକାର ବିରୋଧୀ ନାରା। ଶିକ୍ଷକଙ୍କ ତିନି ଦଫା ଦାବି ଯଥାକ୍ରମେ- ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨ ଶହ ଟଙ୍କା ଗ୍ରେଡ୍ ପେ' ଲାଗୁ ନହେଲେ ଆସନ୍ତା ସୋମବାରଠୁ ସ୍କୁଲରେ ତାଲା ଝୁଲାଇ ଅନିର୍ଦ୍ଦିଷ୍ଟ କାଳ ଯାଏଁ ସାମୂହିକ ଛୁଟିରେ ଯିବାକୁ ଧମକ ଦେଇଛନ୍ତି। ବାଲେଶ୍ୱର ବିଇଓ ଅଫିସ୍ ଆଗରେ ଜଣେ ଶିକ୍ଷୟିତ୍ରୀ ନିଜ କୁନିଝିଅକୁ କୋଳରେ ବସାଇ ଧାରଣା ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଆନ୍ଦୋଳନ ଯୋଗୁ ସ୍କୁଲରେ ଝୁଲୁଛି ତାଲା। ପିଲାଏ ସ୍କୁଲକୁ ଆସିଥିଲେ। ହେଲେ ସାର-ଦିଦିଙ୍କ ଧର୍ମଘଟ କଥା ଶୁଣି ବହିବସ୍ତାନୀ ଧରି ପୁଣି ଘରକୁ ଫେରି ଗଲେ। ସରକାର ଶିକ୍ଷକମାନଙ୍କ ଦାବି ନଶୁଣିଲେ ପାଠପଢ଼ା ବ୍ୟାଘାତ ହେବ ବୋଲି କହିଛନ୍ତି ଛାତ୍ରଛାତ୍ରୀ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବିଇଓ ଅଫିସ୍ ଆଗରେ ଧାରଣାରତ ଶିକ୍ଷକଙ୍କୁ ସମର୍ଥନ ଜଣାଇ ପହଞ୍ଚିଥିଲେ ସ୍ଥାନୀୟ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ଶିକ୍ଷକମାନଙ୍କ ଦାବି ନ୍ୟାୟୋଚିତ ଓ ଏହାକୁ ସେ ବିଧାନସଭାରେ ଉଠାଇବେ ବୋଲି କହିଥିଲେ। ତେଣେ ଶିକ୍ଷକମାନଙ୍କ ଦାବିର ସମାଧାନ ପାଇଁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟିରେ ବିଚାର କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିଟିର ସଦସ୍ୟ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।

### ବସ୍ ଷ୍ଟାଣ୍ଡରୁ ଧରାପଡ଼ିଲେ ....

ଦେବୀ ପ୍ରସାଦ ମହାନ୍ତି ଆଜି ନିମାପଡ଼ାରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ହଠାତ୍ ଚଢ଼ାଉ କରି ତାଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ସେଥିରେ ନଗଦ ୨.୧୪ ଲକ୍ଷ ଟଙ୍କା ଥିଲା। ତାଙ୍କୁ ଯାଞ୍ଚ କରାଯିବାରୁ ଆଉ ୫୯ ହଜାର ୬୧୦ ଟଙ୍କା ବାହାରିଥିଲା। ଶ୍ରୀ ମହାନ୍ତି ଏହି ଅର୍ଥ କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଥିଲେ, ସେ ନେଇ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରାଯାଇଥିଲା। ସେଠାରେ ଯାଞ୍ଚ ବେଳେ ଆହୁରି ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ବାହାରିଥିଲା। ଏମିତି ମୋଟ ନଗଦ ୪ ଲକ୍ଷ ୫୩ ହଜାର ୬୧୦ ଟଙ୍କା ତାଙ୍କ ଠାରୁ ଜବତ କରାଯାଇଛି। କିଛି ସୁନା ଅଳଙ୍କାର ବି ଜବତ କରାଯାଇଥିବା ସୂଚନା ରହିଛି। ଏତେ ପରିମାଣରେ ନଗଦ ଅର୍ଥ ବାହାରିବା ପରେ ଦେବୀପ୍ରସାଦ ମହାନ୍ତି ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କର ମୋଟ ତିନିଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହା ସହିତ ଏସବୁ ନଗଦ ଅର୍ଥ ଦେବୀପ୍ରସାଦ ମହାନ୍ତି କେଉଁଠାରୁ ଆଣିଲେ,ସେ ନେଇ ତାଙ୍କୁ ପଚରାଉଚରା କରାଯାଉଛି।

### ୬ ରାଜ୍ୟର ଉପନିର୍ବାଚନ....

ଏପଟେ କେରଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମେନ ଚାଣ୍ଡିଙ୍କ ପୁଅ ତଥା କଂଗ୍ରେସ ନେତା ଚାଣ୍ଡି ଓମେନ ୩୬ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପୁଥୁପ୍ପାଲୀ ଆସନରୁ ସିପିଆଇ(ଏମ୍) ପ୍ରାର୍ଥୀ ଜ୍ୟାକ୍ ସି ଥୋମାସଙ୍କୁ ପରାସ୍ତ କରିଛନ୍ତି ଚାଣ୍ଡି ଓମେନ୍। ସେହିପରି ଉତ୍ତରାଖଣ୍ଡ ବାଗେଶ୍ୱର ଆସନରୁ ବିଜେପି ପ୍ରାର୍ଥୀ ପାରବତୀ ଦାସ କଂଗ୍ରେସର ବସନ୍ତ କୁମାରଙ୍କୁ ମାତ୍ର ୨୪୦୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଝାଡ଼ଖଣ୍ଡର ଧୁମ୍ରି ଆସନରୁ ଶାସକ ଦଳ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପ୍ରାର୍ଥୀ ବେବି ଦେବୀ ବିଜୟୀ ହୋଇଛନ୍ତି ବୋଲି ନିର୍ବାଚନ କମିଶନଙ୍କ ସୂଚନା ଦେଇଛନ୍ତି। ବେବି ଦେବୀ ଏଠାରେ ଏଜେଏସ୍‌ୟୁ ପ୍ରାର୍ଥୀ ଯଶୋଧା ଦେବୀଙ୍କୁ ୧୭ ହଜାର ଭୋଟ୍‌ରେ ପରାସ୍ତ କରିଛନ୍ତି। ତେବେ ପଶ୍ଚିମବଙ୍ଗରେ ମଧ୍ୟ ହାଇଭୋଲ୍‌ଟେଜ୍ ନିର୍ବାଚନ ଦେଖିବାକୁ ମିଳିଛି। ବିଜେପି ଗଡ଼ରେ ଏଥର ମମତାଙ୍କ ରାଜ୍ ହୋଇଛି। ପଶ୍ଚିମବଙ୍ଗର ଧୁପ୍‌ଗୁଡ଼ି ନିର୍ବାଚନ ମଣ୍ଡଳୀ ବିଜେପିର ଗଡ଼ ଥିଲା। ହେଲେ ଏଠାରେ ଥର ଟିଏମ୍?ସି ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ରୟ ବିଜୟୀ ହୋଇଛନ୍ତି। ଶ୍ରୀ ରୟ ବିଜେପିର ତାପସ ରୟଙ୍କୁ ୪୩୦୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଚଳିତ ବର୍ଷ ଶେଷରେ ହେବାକୁ ଥିବା ପାଞ୍ଚଟି ରାଜ୍ୟସଭା ନିର୍ବାଚନ ଏବଂ ୨୦୨୪ ଗୁରୁତ୍ୱପୂର୍ଣ୍ଣ ଲୋକସଭା ନିର୍ବାଚନ ପୂର୍ବରୁ ହୋଇଥିବା ଏହି ଉପନିର୍ବାଚନ ବିରୋଧୀ ମିଳିତ ମେଣ୍ଟ ଓଘଉଓଇ ପାଇଁ ଏକ ପରୀକ୍ଷା ସଦୃଶ୍ୟ। ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନଡିଏ ବିରୋଧରେ ଇଣ୍ଡିଆ କେତେ ମଜଭୁତର ସହ ଛିଡ଼ା ହୋଇପାରିବ ତାହା ଏହି ଉପନିର୍ବାଚନରେ ଆଗୁଆ ଆଭାସ ମିଳିଛି। ଉପନିର୍ବାଚନ ହୋଇଥିବା ଏହି ସାତୋଟି ଆସନ ହେଲା- ଉତ୍ତରାଖଣ୍ଡର ବାଗେଶ୍ୱର, ଉତ୍ତରପ୍ରଦେଶର ଘୋଷୀ, କେରଳର ପୁଥୁପଲ୍ଲୀ, ପଶ୍ଚିମବଙ୍ଗର ଧୁପଗୁଡ଼ି, ଝାଡଖଣ୍ଡର ଡୁମ୍ରି ଏବଂ ତ୍ରିପୁରାର ବକ୍ସନଗର ଓ ଧନପୁର ରହିଛି। ବର୍ତ୍ତମାନ ସମସ୍ତ ଆସନରୁ ନିର୍ବାଚନ ଫଳାଫଳ ପ୍ରକାଶ ହୋଇସାରିଛି। ୭ ଆସନରୁ ବାଗେଶ୍ୱର, ଧନପୁର ଓ ବକ୍ସନଗରର ଆସନ ବିଜେପି ହାତେଇଛି। ସେହିପରି ଧୁପଗୁଡ଼ିରେ ଟିଏମ୍‌ସି, ଘୋଷୀରେ ସମାଜବାଦୀ ପାର୍ଟି, ଡୁମ୍ରୀ-ଜେଏମ୍‌ଏମ୍ ଓ ପୁଥୁପଲିରୁ କଂଗ୍ରେସ ବିଜୟୀ ହୋଇଛି।

## ୧୮୧ ମୋବାଇଲ୍ ପ୍ରାଣୀ ଚିକିତ୍ସା ୟୁନିଟ୍ ଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୮/୦୯ (ନି.ପ୍ର): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର୧୮୧ ମୋବାଇଲ୍ ୟୁନିଟ୍ ଯାନର ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ମୁଖମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅଧୀନରେ ଏହି ନୂତନ ଯାନଗୁଡିକ ପଶୁମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବ୍ୟବହୃତ ହେବ। ଏକ ଭିଡିଓ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାଣୀ ଚିକିତ୍ସା ପ୍ରତିଷ୍ଠାନଠାରୁ ଦୂର ସ୍ଥାନରେ ଅବସ୍ଥିତ ଗାଁର ପଶୁପାଳକ ତଥା କୃଷକମାନଙ୍କୁ ଦ୍ୱାର ଦେଶରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇବା ପାଇଁ ମୋବାଇଲ୍ ପ୍ରାଣୀ ଚିକିତ୍ସା ୟୁନିଟ୍ କାର୍ଯ୍ୟ କରୁଛି। ପୂର୍ବରୁ ମୋବାଇଲ୍ ପ୍ରାଣୀ ଚିକିତ୍ସା ୟୁନିଟ୍ ଭଡା ଯାନ ମାଧ୍ୟମରେ କାର୍ଯ୍ୟ କରୁଥିଲା। ବର୍ତମାନ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରି ସମସ୍ତ ଜିଲ୍ଲାରେ ୧୮୧ ଟି ମୋବାଇଲ୍ ପ୍ରାଣୀ ଚିକିତ୍ସା ୟୁନିଟ୍ ବ୍ୟବହାର ପାଇଁ ନିଜସ୍ୱ ଯାନ ଯୋଗାଇ ଦେଇଛନ୍ତି। ଏହି ମୋବାଇଲ୍ ପ୍ରାଣୀ ଚିକିତ୍ସା ୟୁନିଟ୍ କୃଷକମାନଙ୍କୁ ମୌଳିକ ପଶୁ ସ୍ୱାସ୍ଥ୍ୟସେବା, ଜଟିଳ ଅସ୍ତ୍ରୋପଚାର, ଟୀକାକରଣ ଏବଂ ଡାଇଗ୍ନୋଷ୍ଟିକ୍ ସେବା ଯୋଗାଇବ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୀଳଗିରିରେ ନିଃଶୁଳ୍କ ଗୀତା ଓ ବେଦ ପ୍ରଶିକ୍ଷଣ ଶିବିର




ନୀଳଗିରି , ୦୮/୦୯ (ନି.ପ୍ର): ରତ୍ନାକର ଉଚ୍ଚ ବିଦ୍ୟାଳୟ ବାଲିଗୋହିରି ନୀଳଗିରି ଠାରେ ଶ୍ରୀମଦ ଭାଗବତ ଗୀତା ଓ ବେଦ ପ୍ରଶିକ୍ଷଣ ନିଃଶୁଳ୍କ ସେବା ଉଦଘାଟିତ ହୋଇଯାଇଛି ! ସର୍ବପ୍ରଥମେ ଆବାହକ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଦ୍ୱାରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା । ଉକ୍ତ ଶିବିରରେ ସଭାପତି କବୟିତ୍ରୀ ସୁବାସିନୀ ଜୀ ସଭାପତିତ୍ୱ କରିଥିବାବେଳେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦ୍ଘାଟକ ଭାବରେ ଯୋଗଦେଇ ଗୀତା ଓ ବେଦର ଉପାଦେୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଶିବିରରେ ବେଦାଚାର୍ଯ୍ୟ ଭାବରେ ପଣ୍ଡିତ ସତ୍ୟନାରାୟଣ କର, ପଣ୍ଡିତ ଅବିନାଶ ବେହେରା, କାଶୀବିଶ୍ୱନାଥଧାମରୁ ପଣ୍ଡିତ ବିଶ୍ୱନାଥ ଶର୍ମା, ସମ୍ପାଦକ ଉତ୍ତମ କୁମାର ବିଶ୍ୱାଳ, ମାର୍ଗଦର୍ଶକ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିନୋଦବିହାରୀ ପଣ୍ଡା, ଶ୍ରୀକୃଷ୍ଣ ତତ୍ତ୍ୱବିତ ଶିକ୍ଷକ ହରେକୃଷ୍ଣ ଗିରି ଆଦି ଯୋଗଦାନକରି ଶିଷ୍ୟଶିଷ୍ୟା ଭାବରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ବହୁ ମାର୍ମିକ ବଚନ ପ୍ରଦାନ କରିଥିଲେ । ଏହି ଶିବିରରେ ନୀଳଗିରିରୁ ଶିକ୍ଷାବିତ୍ ହେମନ୍ତ ବେହେରା, ସୁଶାନ୍ତ ମହାପାତ୍ର, ଶକ୍ତିପଦ ମିଶ୍ର, ଶିବସୁନ୍ଦର ଦାସ, ଅଚିନ୍ତ୍ୟ ଦାସ, ସମାଜସେବୀ ଗଙ୍ଗାଧର ଦଳେଇ, ବୀରକିଶୋର ଦାସବାବୁ, ଚନ୍ଦ୍ରବିନ୍ଦୁ ଦାସ,ପ୍ରଭାକର ସାହୁ, ବିବେକାନନ୍ଦ କର, ଚିତ୍ତରଞ୍ଜନ ପତି, ପ୍ରତାପ ସିଂ, ସୁକୁମାର ନାୟକ ତଥା ଡିଭାଇନ ଟ୍ୟୁଟରିଆଲର ଛାତ୍ରଛାତ୍ରୀ ଓ ନୀଳଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସହ, ସମାଜସେବୀ ମାୟାଧର ମହାନ୍ତି, ଖଗେନ୍ଦ୍ର ବେହେରା ବିଜୟ କୁମାର ତ୍ରିପାଠୀ। ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦାନକରି ନିଜନିଜର ସ୍ୱମତ ପ୍ରଦାନ କରିଥିଲେ। ଏପରି ଶିବିର ନୀଳଗିରି ମାଟିରେ ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଥିରେ ରତ୍ନାକର ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ ।

# ଜଳେଶ୍ୱର ବ୍ଲକ ସ୍ତରୀୟ ଖେଳ ଓ ଦୌଡକୁଦ ପ୍ରତିଯୋଗିତା-୨୩ ଉଦ୍‌ଘାଟିତ



ଜଳେଶ୍ୱର , ୦୮/୦୯ (ନି.ପ୍ର) : ଆଜି ଜଳେଶ୍ୱର ବ୍ଲକ ସ୍ତରୀୟ ୨ ଦିନିଆ ଖେଳ ଓ ଦୌଡକୁଦ ପ୍ରତିଯୋଗିତା-୨୩ ଅନୁଷ୍ଠିତ ହୋଇ ଯାଇଛି । ଶିଖରପୁରସ୍ଥିତ ଶ୍ରୀଶ୍ରୀବରାଳବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏହାକୁ ଉଦ୍‌ଘାଟନ କରି ରାଜ୍ୟ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର କହିଲେ ଜଳେଶ୍ୱରର ଛାତ୍ରଛାତ୍ରୀ କୌଣସି ଗୁଣରେ କମ୍ ନୁହନ୍ତି । ସେମାନେ ଜାତୀୟ ସ୍ତରରେ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ । ଏବିଇଓ ସୁଶାନ୍ତ ଜେନା ସଭାପତିତ୍ୱ କରିଥିବାବେଳେ ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗ ଦେଇ ଚଳିତବର୍ଷ କୃତି ଛାତ୍ରଛାତ୍ରୀଙ୍କୁ ପଂଚାୟତ ସମିତି ପକ୍ଷରୁ ସ୍ୱତନ୍ତ୍ରଭାବେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି କହିଥିଲେ। ବ୍ଲକ କ୍ରିଡାକମିଟି ସଂପାଦକ ହରମହନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା ଓ ଜ୍ୟୋସ୍ନାରାଣୀ ପ୍ରଧାନ, ସରପଂଚ ବିଦ୍ୟାଧର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ଓଷ୍ଟା ଜିଲା ସଭାପତି ମନୋରଂଜନ ଦାସ, ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା, ମଧୁସୂଦନ ସେନାପତି, ଶ୍ରୀକାନ୍ତ ଦାସ, ଡ. ଅଜିତ୍ ମହାନ୍ତି, ସୁକୁମାର ମିଶ୍ର, ବଂଶୀଧର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସରୋଜ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଦ୍ଧେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୬୫୦ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିବା ଜଣାଯାଇଛି ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ଶିକ୍ଷକ ସଂଘର ଧାରଣା

ନୀଳଗିରି , ୦୮/୦୯ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଆନୁକୂଲ୍ୟରେ ସମଗ୍ର ଓଡ଼ିଶାରେ ପ୍ରାଥମିକ ଶିକ୍ଷକଙ୍କ ସହ ସମଗ୍ର ବର୍ଗର ଶିକ୍ଷକ ମାନେ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନୀଳଗିରି ବ୍ଲକର ସମସ୍ତ ପ୍ରାଥମିକ ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ମାନେ ୩ଦଫା ଦାବୀ ନେଇ ଶୁକ୍ରବାର ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବିଗୁଡିକୁ ମଧ୍ୟରେ ପ୍ରାଥମିକ ଶିକ୍ଷା ସ୍ତରରୁ ଠିକା ପ୍ରଥା ଉଚ୍ଛେଦ କରି କେନ୍ଦ୍ରୀୟ ହାରରେ ୨୮୦୦ଟଙ୍କା ଗ୍ରେଡ ପେ ପ୍ରଦାନ କରିବା, ଠିକା ନିଯୁକ୍ତି ସମୟର ଛଅ ବର୍ଷର ଚାକିରୀ ସମୟକୁ ଛଅଟି ନୋସନାଲ ଏନକ୍ରୀମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରିବା, ନୂତନ ପେନସନ ପ୍ରଥାକୁ ଉଚ୍ଛେଦ କରି ପୁରୁଣା ପେନସନ ପ୍ରଥାକୁ ଲାଗୁ କରିବା ଆଦି ଦାବୀରେ ଧାରଣାରେ ବସିରହିଛନ୍ତି। ଏହି ସମସ୍ତ ଦାବୀ ଗୁଡିକ ପୂରଣ କରିବାପାଇଁ ସରକାର ବାରମ୍ବାର ପ୍ରତିଶୃତି ଦେଉଥିଲେ ମଧ ଏହାକୁ କାର୍ଯ୍ୟକାରୀ କରିବାରେ ଟାଳୁଟୁଳ ନୀତି ଅବଲମ୍ବନ କରୁଥିବାରୁ ସାରା ଓଡ଼ିଶାର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ ବିଦ୍ୟାଳୟ ମାନଙ୍କରେ ତାଲା ଝୁଲୀବା ସହ ରାଜ୍ୟର ପ୍ରାଥମିକ ଶିକ୍ଷାଦାନ ଠପ ହୋଇଯିବ। ଏହି ଆନ୍ଦୋଳନକୁ ଶିକ୍ଷକନେତା ଅଭୟ ଦାସ, ରମେନ୍ଦ୍ର ଜେନା, ବିଜୟ କୁମାର ଦାସ, ସୁବ୍ରତ କୁମାର ବିଶ୍ୱାଳ, ମହେଶ୍ୱର ଚୌଧୁରୀ, ରମେଶ ପଲେଇ, ଦୀପକ ଦାସ, ବିଶ୍ୱଜିତ୍ ବେହେରା ଆଦି ବହୁ ଶିକ୍ଷକ ନେତା ପରିଚାଳନା କରିଥିଲେ।




# ଓହଡ ସ୍କୁଲ ପଡିଆରୁ ବେଆଇନ ଗଛକଟା : ଡିଏଫଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ ଓ ସଙ୍ଗଠନ

ଖଇରା, ୦୮/୦୯ (ନି.ପ୍ର): ବାଲେଶ୍ୱର ଜିଲା ସୋର ରେଞ୍ଜ ଅଚ୍ୟୁତପୁର ଗ୍ରାମ ପଞ୍ଚାୟତ ଅଧୀନ ଓହଡସ୍ଥିତ ଫକୀର ଚରଣ ଉପ୍ରା ବିଦ୍ୟାଳୟ କଡରୁ ରାହାସ ବିହାରୀ ସାହୁ ନାମକ ବ୍ୟକ୍ତି ପୁରାତନ ଆକାଶିଆ ଗଛ ବେଆଇନ ଭାବେ କାଟିନେବା ଅଭିଯୋଗରେ ଗ୍ରାମବାସୀ ସ୍ଥାନୀୟ କିଶୋର କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ବାଲେଶ୍ୱର ଡିଏଫଓ,ଔପଦା ଫରେଷ୍ଟର, ଖଇରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗର ୮ଦିନ ବିତିଯାଇଥିଲେ ହେଁ ଅଧିକାରୀ ମାନେ ତଦନ୍ତରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ସରକାରଙ୍କ ଠାରୁ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ମିତ୍ର ପୁରସ୍କାର ପାଇଥିବା ଏହି କ୍ଲବର ସଦସ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ବେଆଇନ ଗଛକାଟି ବିକିଥିବା ଏହି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ସମସ୍ତ ଗ୍ରାମବାସୀଙ୍କୁ ସାଥୀରେ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି । କ୍ଲବର ସଦସ୍ୟ ମାନେ ପରିବେଶ ସଜାଡିବାକୁ ସ୍କୁଲ ପରିସର ଏବଂ ସ୍କୁଲ ପାଖ ପଡିଆକୁ ଗଛ ଲଗାଇ ବଢାଇବା ପରେ ରାତିଅଧିଆ ଗଛ କଟାଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି କ୍ଲବର କର୍ମକର୍ତ୍ତା ମାନେ କହିଛନ୍ତି ।

# ଦଣ୍ଡିକା ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ବସ୍ତା, ୦୮/୦୯ (ନି.ପ୍ର): ବସ୍ତା ବ୍ଲକ ଅଧୀନ ଦଣ୍ଡିକା ଗୋଛା।ୟତ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ର ୧୯୮୫ ମସିହା ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ପ୍ରଧାନ ଶିକ୍ଷକ ଜଗଦୀଶ ବେହେରା ପୌରୋହିତ୍ୟ କରିଥିବା ବେଳେ ପୁରାତନ ଛାତ୍ର ସୁରେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ସୋର କଲେଜ ଅଧକ୍ଷ ଭାଗବତ ମହାପାତ୍ର, ପୁରାତନ ଶିକ୍ଷକ ଚକ୍ରଧର ଗୋଛା।ୟତ, ଉମାକାନ୍ତ ମହାନ୍ତି, ସୁଦର୍ଶନ ପରିଡା, ସର୍ବେଶ୍ୱର , ପଞ୍ଚାନନ ନାୟକ, ସଞ୍ଜୟ ମିଶ୍ର, ପ୍ରାକ୍ତନ ଛାତ୍ରଛାତ୍ରୀ ଡ଼. ରଞ୍ଜନ ଜେନା, ଗିରିଜା ଶଙ୍କର ଜେନା, ସୃଷ୍ଟି ଧର ମହାଳିକ, ରମାମଣି ପରିଡା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଶେଷରେ ପୁରାତନ ଛାତ୍ର ମଧୁସୂଦନ ଭକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡୋ ଆଥଲେଟିକ୍ ସୋସାଇଟିର ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର, ୦୮/୦୯ (ନି.ପ୍ର): ପ୍ରତିବର୍ଷ ଇଣ୍ଡୋ ଆଥଲେଟିକ୍ସ ସୋସାଇଟି ପୁଣେ - ଶିବନେରୀ - ପୁଣେରେ ୨୦୦ କିଲୋମିଟର ଚକ୍ର ଯାତ୍ରା ଆୟୋଜନ କରିଥାଏ, ଏହି ବର୍ଷ ୫୭୫ ସାଇକେଲ ଚାଳକ ଏଥିରେ ଭାଗ ନେଇଥିଲେ । ଏହି ବର୍ଷ ରଥଯାତ୍ରାର ଚତୁର୍ଥ ବର୍ଷ । ମାର୍ଗରେ ଆରୋହୀମାନେ ସମାଜରେ ପରିବେଶ ଏବଂ ସ୍ୱାସ୍ଥ୍ୟର ବାର୍ତ୍ତା ଦେଇଥିଲେ । ଗୋଟିଏ ଦିନରେ ପାଞ୍ଚରୁ ଛଅ ଘଣ୍ଟା ମଧ୍ୟରେ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲା । ସେପ୍ଟେମ୍ବର ୨ ଶନିବାର ଦିନ ମୋଶିର ଗୋଡାଉନ୍ ଚକ୍ ଠାରୁ ସକାଳ ୪ସଘଂ ଟାରେ ସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ଆଇଏଏସର ଅଜିତ ପାଟିଲ ଏବଂ ଗଣେଶ ଭୁଜବଲ ଉପସ୍ଥିତ ଥିଲେ। ଛତ୍ରପତି ଶିବାଜୀ ମହାରାଜ ୧୭ ଅଗଷ୍ଟ ୧୬୬୬ ରେ ଆଗ୍ରା ଛାଡିଥିଲେ। ଏହି ବର୍ଷ ଏହି ଘଟଣାର ୩୫୬ ବର୍ଷ ପୂରଣ ହୋଇଛି। ସେମାନେ ଆଗ୍ରା ଠାରୁ ଆରମ୍ଭ କରି ମଥୁରା, ପ୍ରୟାଗରାଜ, ବାରାଣାସୀ, ଗୟା, କଟକ, ହାଇଦ୍ରାବାଦ, ମାଲକେଡ, ବିଜୟପୁର, ଗୋକର୍ନା, ପାନହାଲା ଏବଂ ରାଜଗଡ ଦୁର୍ଗ ଦେଇ ତେର ଦିନରେ ୧୩୦୦ କିଲୋମିଟର ଦୂରତା ଅତିକ୍ରମ କରି ୩୦ ଅଗଷ୍ଟରେ ରାଜଗଡରେ ପହଞ୍ଚିଥିଲେ। ଆଇଏଏସର ପ୍ରତିଷ୍ଠାତା ସଦସ୍ୟ ତଥା ଇତିହାସ ପଣ୍ଡିତ ଗଜାନନ ଖାଏର କହିଛନ୍ତି ଯେ ଏହି ମହାରାଜାଙ୍କ କୀର୍ତ୍ତିରାଜି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଆମେ ପୁଣେକୁ ଶିବନେରୀ ରଥଯାତ୍ରା ଆୟୋଜନ କରିଥାଉ। ଏହା ଏହିପରି ଥିଲା। ଲେନାଡ୍ରି ଅଷ୍ଟଭିନାଇକାରେ ଟ୍ରେକିଂ କରିବା ପରେ ସମସ୍ତ ସାଇକେଲ ଚାଳକ ରହିବା ପାଇଁ ଓଜାର ଯାଇଥିଲେ ଏବଂ ପରଦିନ ସମାନ ମାର୍ଗରେ ପ୍ରତ୍ୟାବର୍ତ୍ତନ ଯାତ୍ରା ଶେଷ ହୋଇଥିଲା। ଆଇଏଏସ୍ ଶିବନେରୀ ଚକ୍ର ରଥ ମୁଖ୍ୟ ମଦନ ସିନ୍ଦେ, ଦାଦାସହେବ ନାଖତ, ପ୍ରଶାନ୍ତ ଡାଇଡେ ଏବଂ ଅବିନାଶ ଚୋଗୁଲେ ଏହା କହିଛନ୍ତି। ବିଦ୍ୟା, ଅଜିତ ଗୋରେ, ଅମିତ ପାୱାର, ଅବିନାଶ ଅନୁଶେ, ପ୍ରଣୟ କାଦୁ, ଶ୍ରୀକାନ୍ତ ଚ ବଙ୍କୟ ଧୁରୀ, ପ୍ରଦୀପ ଟେକ୍, ପ୍ରତୀକ ପାୱାର, କ ବସକ୍ଷ ଲାସ ଶେଟ ତପକିର, ପ୍ରକାଶ କାମ୍ବଲେ ଇତ୍ୟାଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଜକୁରୁ ନଗରରେ ହୁତାମା ରାଜଗୁରୁ ସାଇକେଲ କ୍ଲବ, ନାରାୟଣଗାଁରେ ସାଇ ସାନଷ୍ଟାନ ଏବଂ ଶିବନେରୀ ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆଇଏସ୍ ଆରୋହୀଙ୍କୁ ସ୍ୱାଗତ କରାଯାଇଥିଲା। ମସଲା ଦୁଗ୍ଧ ସମସ୍ତଙ୍କୁ ଶ୍ରୀରାଜ ହୋଟେଲ ନାରାୟଣଗୋନ୍ ବଣ୍ଟନ କରାଯାଇଥିଲା ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ଡ଼ାକରାରେ ଶିକ୍ଷକ ମାନଙ୍କର କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଭଦ୍ରକ: ପ୍ରାଥମିକ ଶିକ୍ଷାରର ସବୁ ବର୍ଗର ଶିକ୍ଷକ ମାନେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନେତୃତ୍ୱରେ ଏକତ୍ରିତ ହୋଇ ୩ଦଫା ଦାବି ପୂରଣ ନିମନ୍ତେ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଆଜିଠାରୁ ସାମିଲ ହୋଇଛନ୍ତି। ଶିକ୍ଷକ ମାନଙ୍କର ଠିକା ଅବଧିକୁ ୬ବର୍ଷ ଏବଂ ଶିକ୍ଷାକର୍ମୀ ୪ବର୍ଷ ସମୟକୁ ଚାକିରିରେ ଗଣନା କରି ନ୍ୟାସନାଲ ଓ ଇକ୍ରିମେଣ୍ଟ ପ୍ରଦାନ କରିବା, ଏକ୍ସକ୍ୟାଡ଼ର ଶିକ୍ଷକଙ୍କୁ ଏଲିମେଣ୍ଟାରୀ କ୍ୟାଡ଼ର ଭୁକ୍ତ କରିବା, କଳା କ୍ରିଡ଼ା ଶିକ୍ଷକଙ୍କୁ ନିୟମିତ କରିବା ଦାବି ରଖିଛନ୍ତି। +୨ ଯୋଗ୍ୟତା ଆଧାରରେ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦିୟ ହାରରେ ବେତନ ପ୍ରଦାନ ସହ ପୁରୁଣା ପେନ୍‌ସନ୍‌ର ପୁନଃ ପ୍ରଚଳନ ନିମନ୍ତେ ଏହି ଆନ୍ଦୋଳନ ଚାଲୁ ରହିଛି। ଭଦ୍ରକ ବ୍ଲକର ଶହ ଶହ ଶିକ୍ଷକ ମାନେ ଆନ୍ଦୋଳନରେ ସାମିଲ ଥିବାରୁ ଅଧିକାଂଶ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଶିକ୍ଷକମାନଙ୍କ ଏହି ଦାବିକୁ ମାନ୍ୟବର ମୂଖ୍ୟମନ୍ତ୍ରୀ ଘୋଷଣା ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ରାଜ୍ୟ ସଂଘର ମହାସଚିବ ଚାରୁଲତା ମହାପାତ୍ର, ଶିକ୍ଷକ ନେତା ରାଜେଶ ଦାସ, ବାବୁଲା ରାଉତ, ଅରବିନ୍ଦ ଦୀକ୍ଷିତ, ସମୀର ଜେନା, ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଳ, ପ୍ରଶାନ୍ତ ବାରିକ, ତବରେଜ ଖାନ୍, ସୁପ୍ରିତି ଖୁଣ୍ଟିଆ, ଅରୁଣ ମଲ୍ଲିକ, ବିନିତ୍ ମଲ୍ଲିକ, ଆଶିଷ କୁମାର ସାହୁ, ପ୍ରଶାନ୍ତ ବେହେରା, ସୁକାନ୍ତ ନାୟକ, ମୁକ୍ତିକାନ୍ତ ପରିଡ଼ା, ଉଦୟ ନାଥ ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ସୁନୀତା ସାମନ୍ତ, ଶ୍ରଦ୍ଧାଞ୍ଜଳି କର, ବିଜୟ ମଲ୍ଲିକ, ସୁକାନ୍ତି ପାତ୍ର, କମଳାକାନ୍ତ ସାହୁ, ସେକ୍. ଅବଦୁଲ ରବ୍ ଦୃଢ଼ ଚେତାବନୀ ଦେଇଛନ୍ତି।

# ପୁଅକୁ ଝୁରି ପ୍ରାଣହାରିଲେ ବାପା

ଖଇରା, ୦୮/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ଦୈନିକ ସମ୍ବାଦପତ୍ର ସୂର୍ଯ୍ୟପ୍ରଭା ପ୍ରତିନିଧି ଦୟାନିଧି ମହାପାତ୍ରଙ୍କ ମୃତ୍ୟୁର ୨ମାସ ନପୁରୁଣୁ ତାଙ୍କ ବୃଦ୍ଧ ପିତା ବିଷ୍ଣୁପ୍ରସାଦ ମହାପାତ୍ର ତାଙ୍କୁ ଝୁରିଝୁରି ଶୁକ୍ରବାର ପୂର୍ବାହ୍ନରେ ପ୍ରାଣ ହରାଇଚନ୍ତି। ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ମହତୀପୁର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି । ପ୍ରଥମେ ଦୟାନିଧିଙ୍କ ମା ପୁର୍ଣ୍ଣବାସୀ,ପରେ ବଡପୁଅ ଦୟାନିଧି ଓ ଶେଷରେ ବାପା ବିଷ୍ଣୁ ଏହିଭଳି ୯ମାସ ମଧ୍ୟରେ ୩ଜଣ ଆଗପଛ ହୋଇ ଆରପାରିକୁ ଯିବାରେ ସମସ୍ତ ଗ୍ରାମବାସୀଙ୍କ ଶୋକାବିଭୁତ କରିଛି ।

# 'ଗାନ୍ଧି ସ୍ମୃତି ଭବନ' ଆଗରେ ପ୍ରିମିୟମ ମଦ ଦୋକାନ ଖୋଲିବା ବିରୋଧରେ ଧାରଣା ଦେବାକୁ 'ମନା'ର ନିଷ୍ପତ୍ତି




ବାଲେଶ୍ୱର, ୦୮/୦୯ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ, 'ମନା'ପକ୍ଷରୁ ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟତମ ସଂପାଦକ କମଳାକାନ୍ତ ଦାଶ ଗତ ବୈଠକର ବିବରଣୀ ପାଠ କରିଥିଲେ । ଷ୍ଟେସନ ଛକରୁ ମିଶନ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାଟି ହେରିଟେଜ୍ ରୋଡ୍, କାରଣ କଲାମ, ଗୋପବନ୍ଧୁ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଏହି ରାସ୍ତାରେ ରହିଛି । ଖୁବ୍ ନିକଟରେ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ, ଉ.ପ୍ରା.ବିଦ୍ୟାଳୟ, ମନ୍ଦିର ଓ ବ୍ୟାଙ୍କମାନ ଅବସ୍ଥିତ । ଏଠାରେ ମଦଦୋକାନ ନଖୋଲିବାକୁ 'ମନା'ର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଅଗଷ୍ଟ ମାସରେ ଦରଖାସ୍ତ ଦେଇଥିଲେହେଁ ସୁଫଳ ମିଳି ନାହିଁ । ଏଣୁ ଚଳିତ ମାସ ଶେଷରେ ମଦଦୋକାନ ଖୋଲାଯିବା ବିରୋଧରେ ଧାରଣା ଦେବାକୁ ଓ ଏହି ଧାରଣାରେ ବ୍ଲକ ପ୍ରତିନିଧି, ସମଭାବାପନ୍ନ ସଂଗଠନ, ସ୍ଥାନୀୟ ପେଟ୍ରୋଲ ପମ୍ପ ଓ ଦାତବ୍ୟ ଚିକିତ୍ସାଳୟର ମାଲିକଙ୍କୁ ସାମିଲ କରାଯିବାକୁ ସ୍ଥିର ହୋଇଛି । ଏଭଳି ଏକ ସମ୍ବେଦନଶୀଳ ଓ ପବିତ୍ର ସ୍ଥଳରେ ପ୍ରିମିୟମ ମଦ ଦୋକାନ ଖୋଲିବାକୁ ଦ୍ୱିତୀୟ ଥର ଯୋଜନା ବିରୋଧରେ 'ମନା'ର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆନ୍ଦୋଳନ ସମ୍ବନ୍ଧରେ ପ୍ରସ୍ତୁତି ବୈଠକ ଆଗାମୀ ଶୁକ୍ରବାରରେ ହେବାକୁ ସ୍ଥିର ହୋଇଛି । 'ମନା'ର ବୈଠକରେ ଉପଦେଷ୍ଟା ସୁବ୍ରତ କର ଓ ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ଡ.କେଶବ ଚରଣ ପଣ୍ଡା, କୁମୁଦ ରଞ୍ଜନ ଗିରି, ସନାତନ ଦାସ, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ, ପ୍ରସନ୍ନ ପାଢ଼ୀ, ଅକ୍ଷୟ କୁମାର ତ୍ରିପାଠୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ଗଙ୍ଗାଧର ପୃଷ୍ଟି, ବାସନ୍ତୀ କର, ଶଚୀନ୍ଦ୍ର ଦାସ, କ୍ରୀଷ୍ଣା ସାହା, ରମେଶଚନ୍ଦ୍ର ଜେନା ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ତ୍ରିଦିବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ



ବାଲେଶ୍ୱର, ୦୮/୦୯ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରସାଳପୁର ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ପିଲାମାନେ କୃଷ୍ଣ ବଳରାମ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ତତ୍ପରେ କୃଷ୍ଣ ଭଗବାନଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସ ଙ୍କ ଦ୍ୱାରା କୃଷ୍ଣ ଲୀଳା ଆଧାରିତ ଚିତ୍ର ପ୍ରଦର୍ଶନୀ କୁ ଶିଶୁ ଭାଇଭଉଣୀ ମାନେ ବୁଲି ବୁଲି ଦେଖିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଭିତ୍ତିକ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ମାନଙ୍କ ମଧ୍ୟରେ କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସ, ସମାଜସେବୀ ଶିବାଜୀ ଯୋଗଦାନ କରି କୃଷ୍ଣ ଭଗବାନଙ୍କ ବାଲ୍ୟଲୀଳା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ସଂପାଦକ ଶମ୍ଭୁନାଥ ଯାଦବ, ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମିଶ୍ର ଙ୍କ ସମେତ ଅନ୍ୟ ସମସ୍ତ ଗୁରୁଜୀ-ଗୁରୁମା' ଓ ସେବୀକା ପ୍ରମୁଖ ଉତ୍ସବ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo